بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 1-2

# ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

2-9 ଜାନୁଆରୀ 2020 | 2-9 ଫତାହ୍ 1399 ହି.ଶ | 6-13 ଜମାଦିଲ୍ ଅୱ୍ୱଲ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

اِنۡ یَّنۡصُرۡکُمُ اللّٰہُ فَلَا غَالِبَ لَکُمۡ ۚ وَاِنۡ یَّخۡذُلۡکُمۡ فَمَنۡ ذَا الَّذِیۡ یَنۡصُرُکُمۡ مِّنۡۢ بَعۡدِہٖ ؕ وَعَلَی اللّٰہِ فَلۡیَتَوَکَّلِ الۡمُؤۡمِنُوۡنَ ○

(آل عمران:161)

ଅନୁବାଦ- ଯଦି ଅଲ୍ଲାଃ ତୁମ୍ଭମାନଙ୍କୁ ସାହାଯ୍ୟ କରନ୍ତି ତାହାହେଲେ ତୁମମାନଙ୍କ ଉପରେ କେହି ବିଜୟୀ (ହୋଇପାରିବେ) ନାହିଁ; କିନ୍ତୁ ଯଦି ସେ ତୁମମାନଙ୍କୁ ସାହାଯ୍ୟ ନ କରନ୍ତି ତେବେ ତାହାଙ୍କ ବ୍ୟତୀତ ଅନ୍ୟ କିଏ ଅଛି ଯେ ତୁମମାନଙ୍କୁ ସାହାଯ୍ୟ କରିବ? ଏବଂ ବିଶ୍ୱାସକାରୀମାନଙ୍କୁ ଅଲ୍ଲାଃଙ୍କ ଉପରେ ହିଁ ଭରଷା କରିବା ଉଚିତ୍ ।

*(ଆଲେ ଇମରାନ୍: ୧୬୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ୟୈଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥

**ମନେରଖ ଯେ, ମୁତ୍‌ତକିଙ୍କର ଏ କାର୍ଯ୍ୟ ନୁହେଁ ଯେ, ସେ ଏପରି ଲୋକମାନଙ୍କ ସହିତ ଝଗଡ଼ା ଓ ମୁକାବିଲା କରୁ ଯେଉଁମାନେ ଅଲ୍ଲାଃଙ୍କ ନିକଟବର୍ତୀ ହେବାର ପଦମର୍ଯ୍ୟାଦା ପାଇଛନ୍ତି ।**

**ମୋମିନ୍‌ଙ୍କ ସହିତ ମୁକାବିଲା କରିବା ପାଇଁ ଭୟକର ଏବଂ ଇତ୍‌ତକୁ (ଅର୍ଥାତ୍ ଧର୍ମପରାୟଣ) ର ଅନୁରୂପ ହୋଇଯାଅ । ଏପରି ନହେଉ ଯେ ତୁମେ ମିଥ୍ୟାଚାରୀ ହୋଇଯାଓ ଓ ଏହି ଭୁଲ୍ କର୍ମର କୁପରିଣାମକୁ ଭୋ, କାରଣ ମୋମିନ୍ ଅଲ୍ଲାଃତାଲାଙ୍କ ଜ୍ୟୋତି ସାହାଯ୍ୟରେ ଦେଖିଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମୋମିନ୍‌ଙ୍କ ବୁଦ୍ଧିମତା / ପ୍ରତିଭାକୁ ଭୟ କରିବା ଉଚିତ୍ ।

ଯେପରି ଏ ନିର୍ଦ୍ଦେଶ ରହିଛି କି ***ଇତ୍‌ତକୁ ଫିରାସତଲ୍ ମୁମିନ୍*** ଅର୍ଥାତ୍ ମୋମିନ୍‌ଙ୍କ ବୁଦ୍ଧିମତା / ପ୍ରଜ୍ଞାଠାରୁ ବଂଚିକରି ରୁହ କାରଣ ତୁମର ଏ ସମ୍ବନ୍ଧରେ ଚିନ୍ତା କରିବାଟା ତାଙ୍କର ବାସ୍ତବିକ, ତୁମର କହିବା ତାଙ୍କର ବ୍ୟବହାରିକ ପରିସ୍ଥିତି ଅଟେ । ଯେମିତି ଗୋଟିଏ ଘଂଟା ଚାଲିଥାଏ ଓ ତାର କଳ କବଜା ତାକୁ ଚଳାଇ ଚାଲିଥିବେ କିନ୍ତୁ ତୁମେ ମେଘୁଆ ପାଗରେ ୩ଟା ବାଜିଥିବାବେଳେ ୭ଟା ବାଜିଛି ବୋଲି କହିପାର କିନ୍ତୁ ଯେଉଁ ଘଂଟାକୁ ଏହି କାରଣ ଯୋଗୁ ନିର୍ମାଣ କରାଯାଇଛି ସେ ତ ସଠିକ୍ ସମୟ ବତାଇବ, ଭୁଲ୍ କରିବ ନାହିଁ । ତେଣୁ ଯଦି ତୁମେ ତା ସହିତ ଝଗଡା କରିବ ତେବେ ଅପମାନ ବ୍ୟତୀତ ଆଉ କ'ଣ ପାଇବ ? ସେହିପରି ମନେରଖ ଯେ ମୁତ୍‌ତକି (ଅର୍ଥାତ୍ ଧର୍ମପରାୟଣ ବ୍ୟକ୍ତି)ଙ୍କର ଏ କାର୍ଯ୍ୟ ନୁହେଁ କି ସେ ଏପରି ଲୋକଙ୍କ ସହିତ କଳି କରୁ ଓ ମୁକାବିଲା କରୁ ଯିଏ ଅଲ୍ଲାଃଙ୍କ ନିକଟତର ହେବାର ପଦମର୍ଯ୍ୟାଦା ପାଇଛନ୍ତି ଓ ଏ ଦୁନିଆରେ ଭିନ୍ନ ଭିନ୍ନ ନାମରେ ବୋଲାଉଅଛନ୍ତି । ସୁତରାଂ ମୋମିନ୍‌ଙ୍କ ସହିତ ମୁକାବିଲା କରିବା ପାଇଁ ଭୟକର ଏବଂ ଇତ୍‌ତକୁ (ଅର୍ଥାତ୍ ଧର୍ମପରାୟଣ) ର ଅନୁରୂପ ହୋଇଯାଅ । ଏପରି ନହେଉ ଯେ ତୁମେ ମିଥ୍ୟାଚାରୀ ହୋଇଯାଓ ଓ ଏହି ଭୁଲ୍ କର୍ମର କୁପରିଣାମକୁ ଭୋଗ କାରଣ ମୋମିନ୍ ଅଲ୍ଲାଃତାଲାଙ୍କ ଜ୍ୟୋତି ସାହାଯ୍ୟରେ ଦେଖିଥାଏ ଯେବେ କି ସେହି ଜ୍ୟୋତି ତୁମକୁ ମିଳିନାହିଁ । ସେଥି ସକାଶେ ତୁମେ ତେଢ଼ା ଚାଲିପାର କିନ୍ତୁ ମୋମିନ୍ ସର୍ବଦା ହିଁ ସଳଖ ଚାଲିଥାଏ । ତୁମେ ନିଜେ ହିଁ ବତାଇଦିଅ ଯେ ଏପରି ଜଣେ ବ୍ୟକ୍ତି ଯିଏ ଅନ୍ଧାରରେ ଚାଲୁଥିବ ସେ କ'ଣ ଏମିତି ଜଣେ ବ୍ୟକ୍ତିଙ୍କର ମୁକାବିଲା କରିପାରିବ ଯିଏ ଦୀପର ଆଲୋକରେ ଚାଲୁଥିବ ? କଦାପି ନୁହେଁ । ଅଲ୍ଲାଃତାଲା ସ୍ୱୟଂ କହିଛନ୍ତି:- ***ହଲ୍ ୟସ୍ତୱ୍ୱିଲ୍ ଆମା ୱ୍ୱଲ୍ ବସିର୍*** (ଅଲ୍ ଅନ୍‌ଆମ୍:୫୧) କ'ଣ ଜଣେ ଅନ୍ଧ ଓ ଜଣେ ଦୃଷ୍ଟିଶକ୍ତି ରଖିଥିବା ବ୍ୟକ୍ତି ସମାନ ହୋଇପାରିବେ ? କଦାପି ନୁହେଁ । ସୁତରାଂ ଯେବେ ଆମେ ଏ କଥାକୁ ଦେଖୁଅଛେ, ତେବେ ଆମେ ଏଥିରୁ ଲାଭ ନ ଉଠାଇବା କେଡେ ଭୁଲ୍ ହେବ ।

ଉଦ୍ଦେଶ୍ୟ ହେଉଛି ଏହା କି ମୋମିନ୍‌ର ବୁଦ୍ଧିମତାକୁ ଭୟ କରିବା ଉଚିତ୍ ଓ ମୋମିନ୍‌ଙ୍କ ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇଯିବା ବୁଦ୍ଧିମାନ୍ ବ୍ୟକ୍ତିଙ୍କ କାର୍ଯ୍ୟ ନୁହେଁ । ମୋମିନ୍‌ର ପରିଚୟ ସେହି ସବୁ ଲକ୍ଷଣ ଓ ଚିହ୍ନ ଦ୍ୱାରା ହୋଇପାରେ ଯାହା ଆମେ ଏବେ ବର୍ଣ୍ଣନା କରିଲୁ । ଏହି ଐଶ୍ୱରିକ ବୁଦ୍ଧିମତାର ରୋବ୍ (ପ୍ରଭାବ) ସାହାବା ମାନଙ୍କ ଉପରେ ପଡିଥିଲା ଓ ସେହିପରି ଅମ୍ବିୟା ଆ:ସଙ୍କ ସହିତ ଏହି ରୋବ୍ ଅଲ୍ଲାଃଙ୍କ ନିର୍ଦର୍ଶନ ରୂପେ ଆସିଥାଏ । ସେମାନେ ପଚାରି ବୁଝି ନେଉଥିଲେ ଯେ ଯଦି ଏହା ଅଲ୍ଲାଃଙ୍କ ତରଫରୁ ଐଶିବାଣୀ ତେବେ ଆମେ ଏହାର ଖିଲାଫ୍ କରିବୁ ନାହିଁ ଓ ସେମାନେ ଏକପ୍ରକାରର ଭୟଭୀତ ହୋଇପଡୁଥିଲେ ।

ମୁତକଲ୍ଲିମ୍ (ଅର୍ଥାତ୍ ଇଶ୍ୱରଙ୍କ ସହିତ ବାର୍ତାଲାପ କରୁଥିବା ବ୍ୟକ୍ତି)ଙ୍କ ପଦମର୍ଯ୍ୟାଦା ଅନୁସାରେ ତାହାଙ୍କ ବାଣୀରେ ଏକ ପ୍ରକାରର ମହିମା ଓ ପ୍ରତାପ ରହିଥାଏ । ଦେଖନ୍ତୁ ସାଂସାରିକ ହୁକ୍କାମ୍ (ଅର୍ଥାତ୍ ସରକାରୀ ପ୍ରତିନିଧି)ଙ୍କ ସାମନାକୁ ଯିବା ସମୟରେ ଏକ ପ୍ରକାର କଷ୍ଟ ଓ ରୋବ୍ ପଡିଥାଏ ଓ ଏ ଖିଆଲ୍ ମଧ ଆସିଥାଏ ଯେ ତାଙ୍କ ହାତରେ କଲମ ଅଛି । ସେହିପରି ଯେଉଁ ଲୋକମାନେ ଏ କଥା ଜାଣି ନିଅନ୍ତି ଯେ ମୋମିନ୍‌ଙ୍କ ସହିତ ଇଶ୍ୱର ଅଛନ୍ତି ବୋଲି, ସେମାନେ ବିରୋଧ କରିବା ଛାଡିଦିଅନ୍ତି ଓ ଯଦି ନ ବୁଝିପାରନ୍ତି ତେବେ ଏକାନ୍ତରେ ବସି ସେ ସମ୍ବନ୍ଧରେ ଚିନ୍ତା କରନ୍ତି ଓ ତୁଳନା କରି ଚିନ୍ତା କରିଥାନ୍ତି । ଏହା ଅତ୍ୟନ୍ତ ଜରୁରୀ ଅଟେ ଯେ (ସତ୍) ମାର୍ଗକୁ ଜାଣିଥିବା ବ୍ୟକ୍ତି ଏବଂ (ସତ୍) ଆଲୋକ ପାଇଥିବା ବ୍ୟକ୍ତି (ବିଶେଷଙ୍କ)ର ଅନ୍ୟମାନେ ଅଧିନସ୍ଥ ହୋଇଯାଆନ୍ତୁ ଏବଂ ଏହା ହେଉଛି ଏହି ହଦିସ୍‌ର ଉଦ୍ଦେଶ୍ୟ ଓ ଅର୍ଥ । ***ଇତ୍‌ତକୁ ଫିରାସତଲ୍ ମୁମିନ୍ ।*** ଅର୍ଥାତ୍ ଯେବେବେଳେ ମୋମିନ୍ କିଛି ବର୍ଣ୍ଣନା କରିଥାଏ ସେତେବେଳେ ସେ ଖୁଦାତାଲାଙ୍କ ଭୟ କରିବା ଉଚିତ୍ କାରଣ ଯାହାକିଛି ସେ କହିଥାଏ ତାହା ସେ ଖୁଦାଙ୍କ ତରଫରୁ ହିଁ କହିଥାଏ । ଉଦ୍ଦେଶ୍ୟ ହେଉଛି ଏହା କି ମୋମିନ୍ ଯେତେବେଳେ ଇଶ୍ୱରଙ୍କୁ ପ୍ରେମ କରିଥାଏ ସେତେବେଳେ ଐଶ୍ୱରିକ ଜ୍ୟୋତି ତାକୁ ଘେରି ରହିଥାଏ ଯେବେକି ସେହି ଜ୍ୟୋତି ତାକୁ ନିଜ ମଧରେ ଲୁଚାଇ ନିଏ ଓ ତାହାର ମନୁଷ୍ୟଗତ (ଦୋଷ ଦୁର୍ବଳତା)କୁ ଏକ ପ୍ରକାର ଭସ୍ମ କରିଦିଏ । (ଉଦାହରଣ ସ୍ୱରୂପ) ଯେମିତି ନିଆଁ ଭିତରେ ପଡି ରହିଥିବା ଲୁହାର ଅବସ୍ଥା ହୋଇଯାଇଥାଏ କିନ୍ତୁ ଏହା ସତ୍ତ୍ୱେ ମଧ ସେହି ଇଶ୍ୱରଭକ୍ତି ଓ ମନୁଷ୍ୟତା ଶେଷ ହୋଇଯାଏନାହିଁ । ଏହା ହେଉଛି ସେହି ରହସ୍ୟ ଯାହା ***କୁଲ୍ ଇନ୍ନମା ଅନା ବଶରୁମ୍ ମିସ୍‌ଲୁକୁମ୍*** (ଅଲ୍‌କହଫ୍ - ୧୧୧)ର ଗର୍ଭରେ ନିହିତ ଅଛି । ସେ ମନୁଷ୍ୟଭାବେ ତ ରହିଥାଏ କିନ୍ତୁ ସେ ଇଶ୍ୱରତ୍ୱର ବିଶେଷ ରଙ୍ଗ ଅନ୍ତର୍ଗତ ରଙ୍ଗୀନ ହୋଇଯାଇଥାଏ ଓ ତାର ସମସ୍ତ ଶକ୍ତି ଓ ଅଙ୍ଗ ପ୍ରତ୍ୟଙ୍ଗ ଇଶ୍ୱରଙ୍କ ମାର୍ଗରେ ଖୁଦାତାଲାଙ୍କ ଇଛାନୁସାରେ ପରିପୂର୍ଣ୍ଣ ହୋଇ ତାହାଙ୍କ ଇଛାର ଅନୁରୂପ ହୋଇଯାଇଥାନ୍ତି ଏବଂ ଏହା ହେଉଛି ସେହି ସ୍ୱତନ୍ତ୍ରତା ଯାହା ତାକୁ କୋଟିକୋଟି ଲୋକଙ୍କର ଆଧାତ୍ମିକ ତର୍‌ବିୟତ୍ କରିବାର ଦାୟିତ୍ୱ ଦେଇଥାଏ ଏବଂ ରବୁବିୟତେ ତାମା (ଅର୍ଥାତ୍ ସମ୍ପୂର୍ଣ୍ଣ ତର୍‌ବିୟତ୍ କରିବାର) ଏକ ସ୍ୱରୂପ ଅଭିହିତ କରାଇ ଦେଇଥାଏ । ଯଦି ଏପରି ନହୁଏ ତେବେ କଦାପି ମଧ ଜଣେ ନବୀ ଏତେ ସଂଖ୍ୟକ ଲୋକଙ୍କ ପାଇଁ ହାଦି (ଅର୍ଥାତ୍ ପଥ ପ୍ରଦର୍ଶକ) ଏବଂ ମାର୍ଗ ଦର୍ଶକ ହୋଇପାରିବ ନାହିଁ ।

***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୦୩-୧୦୪, ପ୍ରକାଶନ ୨୦୧୮ କାଦିଆନ୍)***

*ପୃଷ୍ଠା- ୭ ର ଅବଶିଷ୍ଟାଂଶ ......*

ଦିଅନ୍ତି, ତା'ପରେ ସ୍ୱୟଂ ଆମ ପାଇଁ ବହୁତ ଦୁଆ କରନ୍ତି । ଅଲ୍ଲାଃତାଲା ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ବିଶ୍ୱସ୍ତତା ଓ ନିଷ୍ଠାପର ଗୁଣ ଉତ୍ପର୍ଣ୍ଣ କରାନ୍ତୁ । ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ ଏବଂ ଯେଭଳି ସେ ଖିଲାଫତ୍ ଓ ଜମାଅତ ସହ ଜଡ଼ିତ ତଥା ବଳିଦାନକାରୀ ଥିଲେ ତାଙ୍କ ସନ୍ତାନମାନେ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣକାରୀ ହୁଅନ୍ତୁ । ଅଲ୍ଲାଃତାଲା ତାଙ୍କ ଦୁଆ ଗୁଡ଼ିକୁ ମଧ୍ୟ ତାଙ୍କ ସନ୍ତାନସନ୍ତତିଙ୍କ ପକ୍ଷେ ସ୍ୱୀକାର କରନ୍ତୁ । ତାଙ୍କର ଦୁଇ ଜଣ ପୁତ୍ର ଓ ଦୁଇ ଜଣ କନ୍ୟା ସନ୍ତାନ ଅଛନ୍ତି ।

ନମାଜ ପାଠ ପରେ ଯେପରିକି ମୁଁ କହିସାରିଛି ଯେ ଏହି ସମସ୍ତ ଲୋକମାନଙ୍କର ନମାଜ ଯନାଜାଃ ଗାଏବ୍ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଯେଉଁମାନେ ସକାଳେ ଓ ସଂଧ୍ୟାରେ ନିଜର ପାଳନକର୍ତାଙ୍କୁ ତାହାଙ୍କ ଅନୁଗ୍ରହ ଲାଭ ସକାଶେ ଡ଼ାକନ୍ତି, ସେମାନଙ୍କୁ ବିତାଡ଼ିତ କରନାହିଁ । *(ସୁନନେ ଇବ୍‌ନେ ମାଜା କିତାବୁଲ୍ ଜୁହଦ୍..... ୪୧୨୮)*

ସେ ଯାହା ହେଉ ଏହି ଆୟତ ଟି ଅବତୀର୍ଣ୍ଣ ହେବାର କାରଣ ଯାହା ବି ଥିଲା କିନ୍ତୁ ସେ କହୁଛନ୍ତି ଯେ, ଆଁ ହଜରତ ସ:ଆ:ସ ଏହି ଉତର ଦେଲେ । ଆଉ ଗୋଟିଏ ରିଓ୍ୱାୟତ ମୁତବକ ହଜରତ ମୁକ୍‌ଦାଦ୍ ର:ଅ ଏପରି ପ୍ରଥମ ସାହାବୀ ଥିଲେ ଯିଏ ଅଲ୍ଲାଃ ତାଲାଙ୍କ ମାର୍ଗରେ ଘୋଡ଼ା ଜରିଆରେ ଯୁଦ୍ଧ କରିଛନ୍ତି । *(ଅଲଅସାବାଃ ଫିତମିଜିସ୍ ସାହାବା ଖଣ୍ଡ-୬, ପୃ-୧୬୦.... ଦାରୁଲ୍ କୁତ୍‌ବୁଲ୍ ଇଲମିୟା ବେରୁତ ଲେବ୍‌ନାନ୍ ୨୦୦୫)*

ଏକଥା ମଧ୍ୟ କେତେକାଂଶରେ ପୂର୍ବରୁ ବର୍ଣ୍ଣନା ହୋଇସାରିଛି । ହଜରତ ମିକଦାଦ୍ ବର୍ଣ୍ଣନା କରନ୍ତି କି ଏକଦା ସେ ଶୌଚ ହେବା ନିମନ୍ତେ ବକି କବରସ୍ଥାନ ଆଡ଼କୁ ଗଲେ । ଲୋକମାନେ ସେ ସମୟରେ ଦୁଇତିନି ଦିନରେ ଥରେ ନିତ୍ୟକର୍ମ କରିବା ପାଇଁ ଯାଉଥିଲେ । ସେ ସେହି ନିତ୍ୟକର୍ମ କରିବା ନିମନ୍ତେ ଗୋଟିଏ ନିର୍ଜନ ସ୍ଥାନରେ ପ୍ରବେଶ କଲେ । ସେତେବେଳେ ଯେହେତୁ ଲୋକମାନେ ବହୁତ କମ୍ ଖାଦ୍ୟ ଖାଉଥିଲେ ତେଣୁ ଏକଥା ବର୍ଣ୍ଣିତ ଅଛି ଯେ, ସେମାନଙ୍କ ମଳ ମଧ୍ୟ ଓଟର ଲଣ୍ଡି ସଦୃଶ ହେଉଥିଲା । ସେ ଯାହା ହେଉ ହଜରତ ମିକ୍‌ଦାଦ୍ ମଳତ୍ୟାଗ କରିବାପାଇଁ ବସିଥିଲେ ଯେ, ସେଠାରେ ସେ ଏକ ମୂଷା ଦେଖିଲେ ଯେ ଗାତରୁ ଗୋଟିଏ ଦିନାର (ମୁଦ୍ରା) ବାହାର କଲା । ପୁନରାୟ ସେ ସେହି ଗର୍ତରେ ପ୍ରବେସ କରି ଆଉ ଏକ ଦିନାର କାଢି ଆଣିଲା ଏପରି ସେ ୭୦ଦିନାର ବାହାର କଲା । ତା'ପରେ ସେ ଏକ ଲାଲ ରଙ୍ଗର କପଡ଼ା ବାହାର କଲା । ହଜରତ ମିକଦାଦ୍ କୁହନ୍ତି- ମୁଁ ଉକ୍ତ କପଡ଼ାକୁ ଟାଣିବାରୁ ସେଥିରୁ ଗୋଟିଏ ଦିନାର ପାଇଲି, ଏପରି ୧୮ଦିନାର ପାଇଲି । ତା'ପରେ ସେସମସ୍ତ ରାଶିକୁ ନେଇ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇଗଲି ଏବଂ ସମ୍ପୂର୍ଣ୍ଣ ଘଟଣା ହଜୁର ସ.ଅଙ୍କୁ ଅବଗତ କରାଇ କହିଲେ ହଜୁର ଏହାର ସଦକା ନିଅନ୍ତୁ । ହଜୁର ସ.ଅ ଉତର ଦେଲେ ଏହାର କୌଣସି ସଦକା ନାହିଁ । ଏହାକୁ ନେଇଯାଅ, ଅଲ୍ଲାଃତାଲା ଏଥିରେ ତୁମ ନିମନ୍ତେ ବର୍‌କତ୍ ରଖିଦିଅନ୍ତୁ । ପୁଣି ଆପଣ ସ:ଆ:ସ କହିଲେ ବୋଧ ହୁଏ ତୁମେ ସେହି ଗାତ ଭିତରେ ହାତ ପୁରାଇଥିବ । ମୁଁ କହିଲି ନା' ସେହି ଈଶ୍ୱରଙ୍କ ରାଣ ଯିଏ ଆପଣ ସ:ଆ:ସଙ୍କୁ ସତ୍ୟ ଜରିଆରେ ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନ କରିଛନ୍ତି; ଯିଏ ମୁଁ ହାତ ପୁରାଇ ନଥିଲି । ଏପରି ଅଲ୍ଲାଃତାଲା ମୋ ପାଇଁ (ଅର୍ଥ)ର ବ୍ୟବସ୍ଥା କରିଦେଲେ । *(ସୁନନେ ଇବ୍‌ନେମାଜା କିତାବୁଲ୍ ଲକ୍‌ତାଃ ବାବୁଲ୍ ଟିକାତ୍..... ହଦୀସ୍ ୨୫୦୮)*

କୁବୈର୍ ବିନ୍ ନୁଜୈର୍ ରିଓ୍ୱାୟତ କରୁଛନ୍ତି ଯେ. ଦିନେ ଆମେ ହଜରତ ମିକ୍‌ଦାଦ୍‌ଙ୍କ ସହିତ ଗୋଟିଏ ମଜ୍‌ଲିସ୍‌ରେ ବସିଥିଲୁ ଯେ, ଜଣେ ଲୋକ ସେହି ରାସ୍ତା ଦେଇ ଗଲା ଓ ସେ କହିଲା ତୁମମାନଙ୍କର କେଡ଼େ ପବିତ୍ର ଆଖି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦର୍ଶନ କରିଛନ୍ତି । ଅଲ୍ଲାଃଙ୍କ ରାଣ ! ଆମର ଏ ଆନ୍ତରିକା ଅଭିଳାଶା ଯେ ଆମେ ମଧ୍ୟ ଦେଖିଥାନ୍ତୁ ଯାହା ଆପଣ ର:ଅ ଦେଖିଛନ୍ତି । ସେ ସାହାବୀଙ୍କ ଆଡ଼କୁ ଇସାରା କରି ଏକଥା କହିଲା ଯେ, ଯାହା କିଛି ଆପଣମାନେ ଦେଖିବାକୁ ପାଇଲେ ତାହା କାଳେ ଆମେ ମଧ୍ୟ ଦେଖିଥାନ୍ତୁ । ଏକଥା କୁ ଶୁଣି ହଜରତ ମିକ୍‌ଦାଦ୍ ର:ଅ ରାଗି ଗଲେ । ରାଭି କହୁଛନ୍ତି ଯେ, ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇ ପଚାରିଲି କି, ସେହି ଲୋକ ଜଣକ ତ କେବଳ ଭଲ କଥା ହିଁ କହିଥିଲା । ହଜରତ ମିକ୍‌ଦାଦ୍ ର:ଅ ସେହି ବ୍ୟକ୍ତିଙ୍କ ଆଡ଼କୁ ଧ୍ୟାନ ଆକର୍ଷଣ କରି କହିଲେ ଯେ, ତାକୁ ସେ ଯୁଗରେ କେଉଁ କଥା ଯୋଗୁଁ ଉପସ୍ଥିତ ହେବା ପାଇଁ ବିବଶ କରୁଛି ଯେ, ଯେଉଁ ଯୁଗରେ ତାକୁ ଅଲ୍ଲାଃ ତାଲା ଜନ୍ମ କରିନଥିଲେ । ପୁଣି ସେ କହିବାକୁ ଲାଗିଲେ ଯେ, ଆମକୁ କ'ଣ ଜଣାଅଛି କି ଯଦି ସେ ସେହି ସମୟରେ ଜନ୍ମ ହୋଇଥାନ୍ତା ତେବେ ସେ କେଉଁ ସ୍ଥାନରେ ରହିଥାନ୍ତା । ପୁଣି ସେ କହିଲେ ଯେ, ଅଲ୍ଲାଃଙ୍କ ରାଣ ! ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗରେ ଏପରି ଲୋକମାନେ ମଧ୍ୟ ଥିଲେ ଯେଉଁମାନଙ୍କୁ ଅଲ୍ଲାଃ ତାଲା ନର୍କରେ ପକାଇ ଦେଇଛନ୍ତି । କାରଣ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମାନିନଥିଲେ ଓ ନାହିଁ ଆପଣ ସ:ଆ:ସଙ୍କୁ ତଶ୍‌ଦିକ କରିଥିଲେ । ଏବେ ଯେଉଁ କଥା ଏ କହୁଅଛି ଜଣା ନାହିଁ ସେ ସମୟରେ ତା' ଭାଗ୍ୟରେ କ'ଣ ଥାନ୍ତା । ଯଦି ତସ୍‌ଦିକ୍ ନ କରିଥାନ୍ତା ତାହାଲେ ନର୍କରେ ପଡ଼ିଥାନ୍ତା ।

ପୁଣି ଆଗକୁ କହିବାକୁ ଲାଗିଲେ ଯେ, ତୁମେ ଅଲ୍ଲାଃ ତାଲାଙ୍କର ସ୍ତୁତିଗାନ କାହିଁକି କରୁନାହଁ ଯେ ସେ ତୁମମାନଙ୍କୁ ଏପରି ସମୟରେ ଜନ୍ମ କରିଛନ୍ତି ଯେଉଁ ସମୟରେ ତୁମେ କେବଳ ନିଜର ପାଳନ କର୍ତା ଈଶ୍ୱରଙ୍କୁ ଚିହ୍ନିପାରିଛ । କୌଣସି ପ୍ରକାର ଶିର୍କ କରୁନାହଁ । ନିଜ ରବ୍ କୁ ଚିହ୍ନିପାରୁଛ । ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଇମାନ୍ ଆଣିଛ ଏବଂ ନବିଙ୍କ ଦ୍ୱାରା ଅଣାଯାଇଥିବା ଶରିୟତ୍ କୁ ତଶ୍‌ଦିକ୍ କରୁଅଛ ଓ ଅଲ୍ଲାଃ ତାଲା ଅନ୍ୟ ଲୋକମାନଙ୍କ ଜରିଆରେ ତୁମର ପରୀକ୍ଷା ନବାରୁ ବଂଚିତ କରିଛନ୍ତି । ପୂର୍ବରୁ ଏପରି ଲୋକଥିଲେ ବା ସେ ଯୁଗରେ ଅନ୍ୟ ଲୋକମାନେ ଥିଲେ ଯେଉଁମାନେ ପରୀକ୍ଷାର ସମ୍ମୁଖୀନ ଥିଲେ । ତୁମକୁ ଅଲ୍ଲାଃ ତାଲା ସେହି ସବୁ ପରୀକ୍ଷାରୁ ବଂଚାଇ ଦେଇଛନ୍ତି । ତେଣୁ ଏଥିଯୋଗୁଁ ତୁମେ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କର । ପୁଣି କହିବାକୁ ଲାଗିଲେ ଯେ, ଈଶ୍ୱରଙ୍କ ରାଣ ! ଅଲ୍ଲାଃ ତାଲା ନବି କରିମ୍ ସ:ଆ:ସଙ୍କୁ ଜାହିଲିୟତ୍ ଯୁଗରେ ପଠାଇଛନ୍ତି । ଏବଂ ଫତ୍‌ରତ୍ ଓ୍ୱହି (ଐଶୀବାଣୀ ବନ୍ଦ ହୋଇଯିବା) ର ଯୁଗରେ ପଠାଇଛନ୍ତି । ତାହା କୌଣସି ମଧ୍ୟ ନବୀଙ୍କ ଆବିର୍ଭାବ ହେବା ସମୟରେ ସବୁଠାରୁ ଅଧିକା କଷ୍ଟକର ସମୟ ଥିଲା ଅର୍ଥାତ ଏପରି ସମୟ ଯେତେବେଳେ ବହୁତ ଲମ୍ବା ସମୟପରେ ଈଶ୍ୱରଙ୍କ ବାଣୀ ଅବତୀର୍ଣ୍ଣ ହେଲା । ଜଣେ ନବୀଙ୍କ ପରେ ଆଉ ଜଣେ ନବୀଙ୍କ ଆସିବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥାଏ ସେ ସମୟରେ ଓ୍ୱହି (ଐଶୀବାଣୀ) ହୁଏନାହିଁ । ତେଣୁ ସେଠାରେ ଫତ୍ରାଃ ଶବ୍ଦ ବ୍ୟବହାର କରାଯାଇଥାଏ । ତେବେ ସେ କହୁଛନ୍ତି ତାହା ବହୁତ ଲମ୍ବ ଅବଧୀ ଥିଲା ଯେଉଁ ସମୟରେ କୌଣସି ଓ୍ୱହି ଅବତୀର୍ଣ୍ଣ ହୋଇନଥିଲା ବା ଆଁ ହଜରତ ସ:ଆ:ସ ଆବିର୍ଭାବ ହୋଇନଥିଲେ । ସେ ସମୟଟି ବହୁତ ଦୀର୍ଘ ସମୟ ଥିଲା ଓ ସେଥିରେ ଶୀର୍କ (ଅନେକେଶ୍ୱରବାଦ) ମଧ୍ୟ ବ୍ୟାପି ଯାଇଥିଲା । ପୁଣି ସେ କହୁଛନ୍ତି ଯେ, ସେ ସମୟଟି ବହୁତ କଷ୍ଟ ଦାୟକ ସମୟ ଥିଲା । ଲୋକମାନେ ପିତୁଳା ପୂଜା କରୁଥିଲେ ଓ ତାହାଠାରୁ ବଡ଼ ଆଉ କାହାକୁ ଜାଣୁନଥିଲେ । ତା'ପରେ ପୁଣି ରସୁଲୁଲ୍ଲାଃ ସ:ଆ:ସ ଫୁର୍‌କାନ୍ ଅର୍ଥାତ ପବିତ୍ର କୁର୍‌ଆନ୍ ସହିତ ଆବିର୍ଭାବ ହେଲେ ଯାହା ସତ୍ୟ ଓ ମିଥ୍ୟା ମଧ୍ୟରେ ଫରକ୍ କରିଦେଲା, ବାପା ଓ ପୁଅ ମଧ୍ୟରେ ଫରକ୍ କରିଦେଲା । ଏପରି କି, ଜଣେ ଲୋକ ତା ବାପା, ତା ପୁଅ ବା ତା ଭାଇକୁ କାଫିର୍ ବୋଲି ଜାଣୁଥିଲା ଯେବେ କି, ଅଲ୍ଲାଃ ତା ହୃଦୟର ତାଲାକୁ ବିଶ୍ୱାସ ଆଣିବା ପାଇଁ ଖୋଲି ଦେଇଥିଲା । ପୁଣି କହୁଛନ୍ତି ଯେ, ସେ ଜାଣିଥିଲା ଯେ, ଯଦି ସେ କୁଫ୍‌ରୁ (ଅବିଶ୍ୱାସକାରିତା) ର ଅବସ୍ଥାରେ ମରିଯାଏ ତେବେ ନର୍କରେ ପଡ଼ିବ । ତା'ର ଆଖି ଶୀତଳ ହେଉନଥିଲା (ଆତ୍ମସନ୍ତୋଷ ଲାଭ ହେଉନଥିଲା) ଯେବେ ସେ ଏକଥା ଜାଣୁଥିଲା ଯେ, ତା'ର ପ୍ରୀୟତମ ନର୍କରେ ରହିବ ବୋଲି । ଏହି କାରଣ ଯୋଗୁଁ ଯେତେବେଳେ ସେ ଇସ୍‌ଲାମ୍‌କୁ ଗ୍ରହଣ କରିନେଲା ଓ ଆଁ ହଜରତ ସ:ଆ:ସଙ୍କୁ ମାନିନେଲା ସେତେବେଳେ ସେ ନିଜର ଆତ୍ମୀୟ ପରିଜନ ଓ ନିକଟ ସମ୍ପର୍କୀୟଙ୍କ ବିଷୟରେ ଚିନ୍ତାରେ ପଡ଼ିଯାଉଥିଲା ଓ ଏକଥା ଜାଣୁଥିଲା ଯେ, ସେମାନେ ତାଙ୍କୁ ଗ୍ରହଣ କରିବେ ନାହିଁ । ଯଦି ମୁଖାଲିଫତ୍ ଅର୍ଥାତ ବିରୋଧ କରିବେ ତେବେ ନର୍କରେ ପଡ଼ିବେ ସେ କହୁଛନ୍ତି ଯେ, ଏହି କାରଣ ଯୋଗୁଁ ଅଲ୍ଲାଃ ତାଲା ଏକଥା କହିଲେ ***ଓ୍ୱଲ୍ ଲଜିନା ୟକୁଲୁନା ରବ୍‌ନା ହବ୍‌ଲନା ମିନ୍ ଅଜଓ୍ୱାଜିନା ଓ୍ୱଜୁର୍‌ରିୟାତିନା କୁର୍‌ରତା ଆୟୁନ୍ (ଅଲ୍‌ଫୁର୍‌କାନ୍: ୭୫)***

ଖୁତବା ଜୁମାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ ଏହି ଦୁଆ ସର୍ବଦା କରିବା ଉଚିତ୍ ଯଦ୍ୱାରା ଆସନ୍ତା ପିଢିରେ ଧର୍ମପରାୟଣତା ଅବ୍ୟାହତ ରହିବ ଏବଂ ସର୍ବଦା ଅଲ୍ଲାଃଙ୍କ କୃପାର କୃତଜ୍ଞ ହେବା ଉଚିତ୍ । ସେହି ଦୁଆ ଏହି କି ଯେ **ଓ୍ୱଲ୍ ଲଜିନା ୟକୁଲୁନା ରବ୍‌ବ୍ନା ହବ୍‌ଲନା ମିନ୍ ଅୟୱାଜିନା ଓ୍ୱଯୁର୍‌ରି ଯାତିନା କୁର୍‌ରତ ଅଏୟୁନ୍** ଅର୍ଥାତ ଯେଉଁ ଲୋକମାନେ ଏହା କହିଥାନ୍ତି କି ହେ ଆମର ପ୍ରଭୁ ! ଆମମାନଙ୍କୁ ନିଜ ଜୀବନସଙ୍ଗିନୀ ଓ ସନ୍ତାନମାନଙ୍କ ଦ୍ୱାରା ଆମ ଚକ୍ଷୁକୁ ଶିତଳତା ପ୍ରଦାନ କର ।

ହଜରତ ଅନସ୍ ର.ଅ କୁହନ୍ତି ହଜୁର ସ.ଅ ଜଣେ ବ୍ୟକ୍ତିଙ୍କୁ ଉଚ୍ଚ ସ୍ୱରରେ କୁରଆନ୍ ପାଠ କରୁଥିବାର ଶୁଣିବାକୁ ପାଇଲେ । ଏଥିରେ ହଜୁର ସ.ଅ କହିଲେ ଏହି ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରୁଅଛି । ଉକ୍ତ ବ୍ୟକ୍ତି ଜଣକ ହଜରତ ମିକଦାଦ୍ ବିନ୍ ଉମରୋ ର:ଅ ଥିଲେ । *(ଅଲ୍ ଇସ୍‌ତିୟାବ୍ ଫି ମାରେଫତିଲ୍ ଅସ୍‌ହାବ୍ ଖଣ୍ଡ-୪, ପୃ-୪୪ ଦାରୁଲ୍ କୁତବୁଲ୍ ଇଲମିୟା ବେରୁତ ଲେବ୍‌ନାନ୍ ୨୦୦୨)*

ଅଲ୍ଲାଃତାଲା ଆମମାନଙ୍କୁ ଇସଲାମର ବାସ୍ତବତା ବୁଝିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ହଜରତ ମୁହମ୍ମଦ ସ.ଅଙ୍କ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହେବାର କର୍ତବ୍ୟ ସମ୍ପାଦନ କରିବା ତଥା ନିଜ ଭିତରେ ଈଶ୍ୱର ଭୟ ଉତ୍ପର୍ଣ୍ଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘


## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାର୍ଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟ୍‌ନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିଓ୍ୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ: ୦୧୮୭୨-୫୦୧୧୩୦
ମୋବାଇଲ: ୯୮୭୬୧୩୮୩୪୭, ୯୬୪୬୩୫୧୨୮୦
ଇମେଲ : diwan@qadian.in


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍ରୀ ସାହାବି ହଜରତ ଅବଦୁଲ୍ଲାଃ (ରଜିୟଲ୍ଲାହୁ ଅନ୍‌ହୁ) ବିନ୍ ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲଙ୍କ ଗୁଣଗାରିମାର ବର୍ଣ୍ଣନା ।

**ହଜରତ ଅବୁଦଲ୍ଲାଃ ର:ଅଙ୍କ ବାପା ରଇସୁଲ୍ ମୁନାଫିକିନ୍ (ଅର୍ଥାତ ମୁନାଫିକ୍ ମାନଙ୍କର ସର୍ଦ୍ଦାର ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲଙ୍କ ଇସ୍‌ଲାମ୍ ବିରୋଧି କାର୍ଯ୍ୟକଳାପ ଓ ତା' ମୁକାବିଲାରେ ତା ସହିତି ନବୀ ଅକରମ୍ ସ:ଆ:ସଙ୍କର କ୍ଷମା ଆଚରଣ କରିବା ଓ ତା' ଉପରେ କରାଯାଇଥିବା ଅନୁପମ୍ ଦୟା ସମ୍ବନ୍ଧରେ ଚର୍ଚ୍ଚା ।**

ମୁକରମା ଅମ୍‌ତୁଲ୍ ହଫିଜ୍ ସାହିବା ପତ୍ନୀ ମୌଲାନା ମୁହମ୍ମଦ ଉମର୍ ସାହେବ୍ କେରଳ ଇଣ୍ଡିଆ, ମୁକରମ୍ ଚୌଧୁରୀ ମୁହମ୍ମଦ ଇବ୍ରାହିମ୍ ସାହେବ ପୂର୍ବତନ ମ୍ୟାନେଜର୍ ଏବଂ ପବ୍ଲିସର୍ ମାସିକ ପତ୍ରିକା 'ଅନ୍‌ସାରୁଲ୍ଲା' ପାକିସ୍ତାନ ନିବାସୀ, ମୁକରମ୍ ରାଜା ମସ୍‌ଉଦ୍ ଅହେମଦ୍ ସାହେବ ପୂର୍ବତନ ସେକ୍ରେଟାରୀ ଓ୍ବସାୟା ୟୁକେ ଏବଂ ମୁକରମା ସ୍ୱାଲେହା ଅନଓ୍ବର ଅବଡୁ ସାହିବା ପତ୍ନୀ ଅନ୍ଓ୍ବର ଅବଡ଼ି ସାହେବ ସିନ୍ଧ୍ ପାକିସ୍ତାନୀ ନିବାସୀଙ୍କ ଦେହାନ୍ତରେ ଏହି ମରହୁମିନ୍ ମାନଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଜନାଯାଃ ଗାଏବ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୫ ନଭେମ୍ବର ୨୦୧୯ ଅନୁଯାୟୀ ୧୫ ନବୁଓ୍ବତ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବଦରୀ ସାହାବାଙ୍କ ସମ୍ବନ୍ଧରେ ମୁଁ ଯେଉଁ ଖୁତ୍‌ବା ଗୁଡ଼ିକର ଧାରା ଆରମ୍ଭ କରିଛି ସେ ସମ୍ବନ୍ଧରେ ଗତ ଖୁତ୍‌ବାରେ ମୁଁ ହଜରତ ଅବଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍‌ଙ୍କ ବିଷୟରେ ଜର୍ମାନୀଠାରେ ଚର୍ଚ୍ଚା କରିଥିଲି ଓ ଏ ବିଷୟରେ ହଜରତ ଅବଦୁଲ୍ଲାଃଙ୍କ ବାପା ପୁଣି ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍‌ଙ୍କର ଚର୍ଚ୍ଚା ଯେଉଁଠି ମୁଁ ଶେଷ କରିଥିଲି ତାହା ଓ୍ବହଦ ଯୁଦ୍ଧ ପ୍ରସଙ୍ଗରେ ଥିଲା ଅର୍ଥାତ ଆଁ ହଜରତ ସ:ଆ:ସ ଯୁବକମାନଙ୍କ କଥାକୁ ମାନି ମଦିନାରୁ ବାହାରକୁ ବାହାରି ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ନିଷ୍ପତି ନେଲେ ସେତେବେଳେ ଅବଦୁଲ୍ଲାଃ ବିନ୍ ଉବେି ପ୍ରଥମେ ତା ନିଜ ସାଙ୍ଗସାଥିମାନଙ୍କ ସହିତ ବାହାରି ପଡ଼ିଲା କିନ୍ତୁ ଓ୍ବହଦ୍ ପାହାଡ଼ ପାଦଦେଶରେ ପହଂଚି ନିଜର ୩୦୦ ସାଥିମାନଙ୍କୁ ନେଇ ବିଶ୍ୱାସଘାତକତା କରି ଏକଥା କହି ମଦିନା ଆଡ଼କୁ ଫେରିଗଲା ଯେ, ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ମୋ କଥାକୁ ମାନିଲେ ନାହିଁ ଏବଂ ମଦିନାରେ ରହି ଶତ୍ରୁଙ୍କ ସହିତ ଯୁଦ୍ଧ କଲେ ନାହିଁ, ଯାହା ଆମେ ଚାହୁଁଥିଲୁ । ଏବଂ ଏକଥା ମଧ୍ୟ କହିଲା ଯେ ଏହା କ'ଣ ଯୁଦ୍ଧ ଅଟେ ଏଥିରେ ତ ନିଜକୁ ଧ୍ୱସଂ ମୁହଁରେ ପକାଇବାର କଥା । ପୁଣି ସେ କହିବାକୁ ଲାଗିଲା ଯେ, ମୁଁ ଏହି ଧ୍ୱସଂ ମୁହଁରେ ପକାଇପାରିବି ନାହିଁ । ସେ ଯାହା ହେଉ ତା' ମନ ଭିତରେ ଆରମ୍ଭରୁ ହିଁ ନଫାକ୍ (ବିଶ୍ୱାସଘାତକତା) ଥିଲା । ଏବଂ ମୁନାଫିକ୍ କାପୁରୁଷତା ଦେଖାଇଥାନ୍ତି ସୁତରାଂ ସେହି କାପୁରୁଷତା ଏଠାରେ ପ୍ରକାଶ ମଧ୍ୟ ହୋଇଗଲା । ସେ ଯାହା ହେଉ ସେ ନିଜର ସାଙ୍ଗସାଥିମାନଙ୍କ ସହିତ ଚାଲିଯିବା ପରେ ମୁସଲମାନମାନଙ୍କର କେବଳ ୭୦୦ରେ ସିମିତ ରହିଯାଇଥିଲା । *(ସିରତ୍ ଖାତ୍‌ମୁନ୍ ନବିଇନ୍ ସ:ଆ:ସ ପୃ-୪୮୭)*

ଏହା ସତ୍ୱେ ମଧ୍ୟ ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ମୁସଲମାନମାନଙ୍କର ପକ୍ଷ ଭାରିଥିଲା । ଉଣା ଅଧିକେ ବିଜୟ ପାଇଯାଇଥିଲେ କିନ୍ତୁ ଶେଷରେ ଆଁ ହଜରତ ସ:ଆ:ସଙ୍କ ନିର୍ଦ୍ଦେଶ ଉପରେ ସମ୍ପୁର୍ଣ୍ଣରୂପେ ପରିଚାଳିତ ନ ହେବା ଯୋଗୁଁ ଏବଂ ଦର୍‌ରାହ୍ (ଅର୍ଥାତ ପାହାଡ଼ କଡ଼ରେ ଥିବା ଯାତାୟାତର ରାସ୍ତା) ଛାଡ଼ି ଦେବା ଯୋଗୁଁ ମୁସଲମାନମାନଙ୍କୁ ବହୁତ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଲା । ଏଭଳି ପରିସ୍ଥିତି ଉପୁଜିବା ପରେ ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍ ର ଯେଉଁ ଆଚରଣ ଥିଲା ଓ ସେ କିଭଳି ଆଁ ହଜରତ ସ:ଆ:ସ ଓ ମୁସଲମାନମାନଙ୍କ ମନକୁ ଦୁଃଖ କଷ୍ଟ ଓ ଆଘାତ ପହଂଚାଇବା ଭଳି ଆକ୍ଷେପ ମୁଳକ କଥା କହିବା ଆରମ୍ଭ କରିଦେଲା । ସେ ସମ୍ବନ୍ଧରେ କିଛିଟା ବିବରଣୀ ଏବେ ମୁଁ ଏଠାରେ ବର୍ଣ୍ଣନା କରିବି । ଯେଉଁଥିରୁ ହଜରତ ଅବଦୁଲ୍ଲାଃ ର:ଅଙ୍କ ଇସଲାମ ଆଣିବା ଏବଂ ଆଁ ହଜରତ ସ:ଆ:ସଙ୍କ ସହିତ ତାଙ୍କର ପ୍ରେମ ମଧ୍ୟ ପ୍ରକାଶ ହେଉଅଛି ଓ ଏହା ମଧ୍ୟ ପ୍ରମାଣିତ ହେଉଅଛି ଯେ, ଏଥିପାଇଁ ସେ ନିଜର ବାପାଙ୍କ ବିରୋଧରେ କୌଣସି ପଦକ୍ଷେପ ଉଠାଇବାରେ ସଙ୍କୋଚ କରୁନଥିଲେ ।

ଏ ସମ୍ବନ୍ଧରେ ସିରତ୍ ଖାତ୍‌ମୁନ୍ ନବିଇନ୍ ପୁସ୍ତକର ପ୍ରାରମ୍ଭରେ ଯେଉଁ ଚର୍ଚ୍ଚା କରାଯାଇଛି ଯେ, ସେ କିଭଳି ଲୋକମାନଙ୍କ ସହିତ ଥଟା ପରିହାସ କରିବା ଆରମ୍ଭ କରିଦେଇଥିଲା । ହଜରତ ମିର୍ଜା ବଶୀର୍ ଅହେମଦ୍ ସାହେବ ର:ଅ ଲେଖୁଛନ୍ତି ଯେ, ଓ୍ବହଦ୍ ଯୁଦ୍ଧ ପରେ ମଦିନାରେ ବସବାସ କରୁଥିବା ଇହୁଦୀ ଓ ମୁନାଫିକ୍‌ମାନେ ବଦର୍ ଯୁଦ୍ଧର ଫଳାଫଳ ଯୋଗୁଁ କିଛିଟା ପ୍ରଭାବିତ ହୋଇଯାଇଥିଲେ । କିନ୍ତୁ ଏବେ ସେମାନେ କିଛି ମାତ୍ରାରେ ଦମ୍ଭ ଦେଖାଇଲେ ବରଂ ଅବଦୁଲ୍ଲାଃ ବିନ୍ ଉବେି ଓ ତା ସାଙ୍ଗସାଥିମାନେ ଖୋଲାଖୋଲି ଭାବେ ଥଟା ପରିହାସ କରିବାକୁ ଲାଗିଲେ ଓ ଆକ୍ଷେପ କରିବା ଆରମ୍ଭ କରିଦେଲେ । *(ସିରତ୍ ଖାତ୍‌ମୁନ୍ ନବିଇନ୍ ସ:ଆ:ସ ପୃ-୫୦୬)* କିନ୍ତୁ ଆଁ ହଜରତ ସ:ଆ:ସ ସେହି ଲୋକମାନଙ୍କ କଥାକୁ ଗୁରୁତ୍ୱ ଦେଉନଥିଲେ । ସେମାନେ ଏଭଳି ନମ୍ର ବ୍ୟବହାର ଦେଖି କିଛି ଲଜ୍ଜିତ ହେବା ପରିବର୍ତେ ଆହୁରି ଅଧିକ ଦୁଷ୍ଟାମିରେ ବଢ଼ିଚାଲିଲେ । ମୁନାଫିକମାନଙ୍କର ସର୍ଦ୍ଦାର ଅବଦୁଲ୍ଲାଃ ବିନ୍ ଉବେି ର ଧୃଷ୍ଟତା ଏବଂ ତାଙ୍କ ପୁତ୍ର ହଜରତ ଅବଦୁଲ୍ଲାଃ ର:ଅଙ୍କ ଆଁ ହଜରତ ସ:ଆ:ସଙ୍କ ସହିତ ଥିବା ପ୍ରେମ ଭାବ ଓ ଭକ୍ତିଭାବର ପରିପ୍ରକାଶ ଏହି ଗୋଟିଏ ଘଟଣାବଳିରୁ ହିଁ ହୋଇଯାଉଅଛି ଯେ, ପାଂଚ ହିଜ୍‌ରୀରେ ବନୁ ମୁସ୍‌ତଲିକ୍ ଯୁଦ୍ଧରୁ ଫେରିବା ସମୟରେ ଆଁ ହଜରତ ସ:ଆ:ସ କିଛି ଦିନ ପାଇଁ ମରିସିଇ ସ୍ଥାନରେ ରହିଲେ । ଏହା ବନୁ ମୁସ୍‌ତଲିକ୍ ର ପାଣି ନେବାର ଗୋଟିଏ ଝରଣାର ନାମ ଅଟେ । କିନ୍ତୁ ଏହି ରହଣୀ ସମୟରେ ମୁନାଫିକ୍‌ମାନଙ୍କ ତରଫରୁ ଏଭଳି ଏକ ଘଟଣା ପେସ୍ ହେଲା ଯେଉଁଥିରୁ ଏକଥା ଅତି ନିକଟତର ହୋଇଯାଇଥିଲା ଯେ, ଦୁର୍ବଳମନା ମୁସଲମାନମାନଙ୍କ ମଧ୍ୟରେ ଗୃହଯୁଦ୍ଧ ହୋଇଯାଇଥାନ୍ତା । କିନ୍ତୁ ଆଁ ହଜରତ ସ:ଆ:ସଙ୍କ ଉଚିତ ପଦକ୍ଷେପ ଏବଂ ଆପଣ ସ:ଆ:ସଙ୍କ ଚୁମ୍ବକିୟ ପ୍ରଭାବ ଉକ୍ତ ଫିତ୍‌ନାର ବିପଦପୂର୍ଣ୍ଣ ଫଳାଫଳରୁ ମୁସଲମାନମାନଙ୍କୁ ବଂଚାଇଦେଲା । ଘଟଣାଟି ଏପରି ହେଲା ଯେ, ହଜରତ ଉମର୍ ର:ଅଙ୍କ ଜଣେ ଚାକର, ଯାହାର ନାମ ଜହ୍‌ଯାହା ଥିଲା ସେ ମରିସିଇ ଠାରେ ଥିବା ଝରଣାରୁ ପାଣି ଆଣିବା ପାଇଁ ଗଲା । ସଂଯୋଗ ବଶତଃ ସେ ସେ ସମୟରେ ଆଉଜଣେ ବ୍ୟକ୍ତି ପାଣି ନେବା ପାଇଁ ସେଠାରେ ପହଂଚିଲା ତାହାର ନାମ ସନାନ୍ ଥିଲା ଏବଂ ସେ ଅନ୍‌ସାରମାନଙ୍କ ମିତ୍ର ଥିଲେ । ଏହି ଦୁଇଜଣଯାକ ମୂର୍ଖ ଥିଲେ ଏବଂ ଅତ୍ୟନ୍ତ ସାଧାରଣ ଲୋକଥିଲେ । ସେ ଝରଣାଠାରେ ଏହି ଦୁଇଜଣଯାକ ଆପୋଷରେ ଝଗଡ଼ା କରିବାକୁ ଲାଗିଲେ ଜହ୍‌ଯାହା ସନାନ୍‌ଙ୍କୁ ଗୋଟିଏ ଆଘାତ କଲା ଅର୍ଥାତ ତାକୁ ଆକ୍ରମଣ କଲା ସୁତରାଂ ସନାନ୍ ବଡ଼ ପାଟିରେ ପାଟି କରି ଚିତ୍କାର କରିବାକୁ ଆରମ୍ଭ କରିଦେଲା ଯେ, ହେ ଅନ୍‌ସାରମାନଙ୍କ ଦଳ ! ମତେ ସାହାଯ୍ୟ କରିବା ପାଇଁ ପହଂଚ କାରଣ ମୋ ଉପରେ ଆକ୍ରମଣ କରାଯାଇଛି ଓ ମତେ ମରାଯାଉଅଛି । ଯେତେବେଳେ ଜହ୍‌ଯାହା ଏ ଦୃଶ୍ୟକୁ ଦେଖିଲେ ଯେ, ସନାନ୍ ନିଜର ଜାତିଭାଇ ମାନଙ୍କୁ ଡ଼ାକୁ ଅଛି ଯେହେତୁ ସେ ମଧ୍ୟ ଜଣେ ସାଧାରଣ ଜାହିଲ୍ ଲୋକ ଥିଲା ଫଳତଃ ସେ ମଧ୍ୟ ନିଜର ଜାତିଭାଇ ମାନଙ୍କୁ ଡ଼ାକିବା ଆରମ୍ଭ କରିଦେଲା ଯେ, ହେ ମୁହାଜିର୍ ମାନେ ! ଧାଇଁ ଆସ ଧାଇଁ ଆସ । ଅନ୍‌ସାର ଏବଂ ମୁହାଜିର ମାନଙ୍କ କାନରେ ଯେତେବେଳେ ଏହିଭଳି ଶବ୍ଦ ପହଂଚିଲା ସେତେବେଳେ ସେମାନେ ନିଜ ନିଜର ହତିଆରକୁ ଧରି ଅଚାନକ ସେହି ସ୍ଥାନ ଆଡ଼କୁ ଦଉଡ଼ିଲେ ଏବଂ ଦେଖୁ ଦେଖୁ ସେଠାରେ ଲୋକମାନଙ୍କର ଭିଡ଼ ହୋଇଗଲା ଓ ସମ୍ଭବତଃ କେତେଜଣ ମୂର୍ଖ ଯୁବକ ଜଣେ ଅନ୍ୟ ଜଣକ ଉପରେ ଆକ୍ରମଣ କରିଦେଇଥାନ୍ତେ କିନ୍ତୁ ଏତିକି ବେଳେ କିଛି ବୁଦ୍ଧିମାନ ଏବଂ କେତେକ ନିଷ୍ଠାବାନ୍ ମୁହାଜିର୍ ଓ ଅନ୍‌ସାରମାନେ ମଧ୍ୟ ସେଠାରେ ପହଂଚିଗଲେ ଏବଂ ସେମାନେ ତତ୍‌କ୍ଷଣାତ୍ ଲୋକମାନଙ୍କୁ ଅଲଗା ଅଲଗା କରି ମିମାସାଂ କରିଦେଲେ

ଆଁ ହଜରତ ସ:ଆ:ସଙ୍କୁ ଯେତେବେଳେ ଏ ଖବର ମିଳିଲା ଏଥିରେ ଆପଣ ସ:ଆ:ସ କହିଲେ ଯେ, ଏହା ଏକ ମୂର୍ଖତାପୂର୍ଣ୍ଣ କଥା ଥିଲା ଏବଂ ଏଥିରେ ଆ: ହଜରତ ସ:ଆ:ସ ଅପ୍ରସନ୍ନତାର ପରିପ୍ରକାଶ କଲେ । ସେ ଯାହା ହେଉ ଏହି ପରି ଏହି ମାମଲା ଟି ଶେଷ ହୋଇଗଲା କିନ୍ତୁ ଯେତେବେଳେ ମୁନାଫିକମାନଙ୍କର ସର୍ଦ୍ଦାର ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍‌ଙ୍କୁ ଏ ଘଟଣା ସମ୍ବନ୍ଧରେ ଏତଲା ମିଳିଲା, ସେ ସେହି ଯୁଦ୍ଧରେ ସାମିଲ ଥିଲା ଯାହା ବନୁ ମୁସ୍‌ତଲିକ୍‌ରେ ଅନୁଷ୍ଠିତ ଥିଲା । ସୁତରାଂ ସେ

ଅଭାଗା ଉକ୍ତ ଫିତ୍‌ନାକୁ ପୁଣି ଉଜାଗର କରିବା ପାଇଁ ଚାହିଁଲା ଓ ନିଜ ସାଥିମାନଙ୍କୁ ଆଁ ହଜରତ ସ:ଆ:ସ ଓ ମୁସଲମାନମାନଙ୍କ ଖିଲାପରେ ଉସୁକାଇବା ଆରମ୍ଭ କରିଦେଲା ଏବଂ ଏକଥା ମଧ୍ୟ କହିଲା ଯେ ଏହା ସବୁ ହେଉଛି ତୁମର ଭୁଲ୍ ଅର୍ଥାତ ତୁମେମାନେ ଏହି ନିରାଶ୍ରୟ ମୁସଲମାନମାନଙ୍କୁ ଶରଣ ଦେଇ ଏମାନଙ୍କୁ ମୁଣ୍ଡ ଉପରେ ବସେଇଛ । ବର୍ତମାନ ମଧ ତୁମମାନଙ୍କୁ ଏକଥା କରିବା ଉଚିତ ଯେ, ଏମାନଙ୍କୁ ସାହାଯ୍ୟ କର ନାହିଁ ଓ ସହଯୋଗ କରନାହିଁ ଯଦ୍ୱାରା ଏମାନେ ସ୍ୱତଃପ୍ରୁତ ଭାବେ ମଦିନାକୁ ଛାଡ଼ି ପଳାୟନ କରିବେ ଓ ପରିଶେଷରେ ସେହି ଅଭାଗା ଏକଥା ମଧ୍ୟ କହିଦେଲା ଯେ, ***ଲଇର୍ ରଜଅନା ଇଲ୍‌ଲ ମଦିନତି ଲଇଖୁରିଜନ୍ନଲ୍ ଆଆଜ୍ଜୁ ମିନ୍‌ହଲ୍ ଅଜଲ୍*** (ଅଲ୍‌ମୁନାଫିକୁନ୍: ୯) ଅର୍ଥାତ୍ ପବିତ୍ର କୋରାନ୍‌ର ସୁରାଃ ଅଲ୍‌ମୁନାଫିକୁନ୍‌ରେ ଏହା ଉଲ୍ଲେଖ ଅଛି, ଏହାର ଅର୍ଥ ହେଉଛି ଏପରି କି ଦେଖ ଏବେ ମଦିନାରେ ଯାଇ ଜଣେ ସମ୍ମାନୀୟ ବ୍ୟକ୍ତି ବା ଦଳ ସେହି ଅସମ୍ମାନିତ ବ୍ୟକ୍ତି ବା ଦଳକୁ ନିଜ ସହରରୁ ବାହାର କରିଦେଉଛି କି ନାହିଁ ? ସେଠାରେ ଜଣେ ନିଷ୍ଠାପର ମୁସଲମାନ ପିଲା ଜଏଦ୍ ବିନ୍ ଅର୍‌କମ୍ ମଧ୍ୟ ବସିଥିଲା ସେ ଅବଦୁଲ୍ଲାଃ ମୁହଁରୁ ଆଁ ହଜରତ ସ:ଆ:ସଙ୍କ ସମ୍ବନ୍ଧରେ ଏପରି ଭାଷା ବାହାରିବାର ଶୁଣି ବ୍ୟତିବ୍ୟସ୍ତ ହୋଇଗଲା ଏବଂ ତତ୍‌କ୍ଷଣାତ୍ ନିଜ ଚାଚାଙ୍କ ମାଧ୍ୟମରେ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଏ ଘଟଣା ସମ୍ବନ୍ଧରେ ସୁଚନା ଦେଲା । (ହଜୁର ଅନଓ୍ୱର କହୁଛନ୍ତି) ଏବେ ଏହା ଦେଖନ୍ତୁ ଯେ, ସେ ପିଲାଟି ମଧ୍ୟ କିଭଳି ନିଷ୍ଠା ଓ ଭକ୍ତିଭାବ ନିଜ ଭିତରେ ରଖିଥିଲା ଓ ସେମାନେ ମଧ୍ୟ ବହୁତ ହୁସିୟାର ରହୁଥିଲେ ଓ ଏକଥା ଜାଣୁଥିଲେ ଯେ କେଉଁ କଥାଟି ଠିକ୍ ଓ କେଉଁ କଥାଟି ଭୁଲ୍ । ସେ ଯାହା ହେଉ ସେ ନିଜର ଚାଚାକୁ ଏ ବିଷୟରେ ସୁଚନା ଦେଲେ । ସେଠାରେ ଆଁ ହଜରତ ସ:ଆ:ସଙ୍କ ନିକଟରେ ହଜରତ ଉମର ର:ଅ ମଧ୍ୟ ବସିଥିଲେ ସେ ଏପରି କଥା ଶୁଣି କ୍ରୋଧାନ୍ୱିତ ହୋଇଗଲେ ଏବଂ ଆଁ ହଜରତ ସ:ଆ:ସଙ୍କୁ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ମତେ ଅନୁମତି ଦିଅନ୍ତୁ ଯେ, ମୁଁ ସେହି ମୁନାଫିକ୍ ବିଭ୍ରାଟକାରୀର ମୁଣ୍ଡକୁ କାଟିଦେବି । ଏଥିରେ ଆପଣ ସ:ଆ:ସ କହିଲେ ହେ ଉମର୍ ! ଛାଡ଼ି ଦିଅ । କ'ଣ ତୁମେ ଏକଥାକୁ ପସନ୍ଦ କରିବ କି ଲୋକମାନଙ୍କ ମଧ୍ୟରେ ଏହି ଚର୍ଚ୍ଚା ହେଉ ଯେ, ମୁହମ୍ମଦ ନିଜ ସାଥିମାନଙ୍କୁ ହତ୍ୟା କରାଉଥିଲା । ପୁଣି ଆଁ ହଜରତ ସ:ଆ:ସ ଅବଦୁଲ୍ଲାଃ ବିନ୍ ଉବୈ ଓ ତା' ସାଥିମାନଙ୍କୁ ଡ଼କାଇ ପଠାଇଲେ ଓ ପଚାରି ବୁଝିଲେ କ'ଣ ମାମଲା ଅଛି ? ମୁଁ ଏଭଳି କଥା ଶୁଣିବାକୁ ପାଇଲି । ଏଥିରେ ସେମାନେ ସମସ୍ତେ ରାଣ ଖାଇ ଏକଥା କହିଲେ ଯେ, ଆମେ ତ ଏମିତି କୌଣସି କଥା କହିନାହୁଁ । କେତେକ ଅନ୍‌ସାରମାନେ ମଧ୍ୟ ସୁପାରିଶ କରି ଏକଥା କହିଲେ ଯେ, ବୋଧ ହୁଏ ଜଏଦ୍ ବିନ୍ ଅର୍‌କମ୍‌ଙ୍କୁ କିଛି ଭ୍ରମ ଲାଗିଥିବ । ଏଥିରେ ଆପଣ ସ:ଆ:ସ ଅବଦୁଲ୍ଲାଃ ବ ିନ୍ ଉବୈ ଏବଂ ତା ସାଥିମାନଙ୍କର ବୟାନକୁ ଗ୍ରହଣ କରିନେଲେ ଓ ଜଏଦ୍ ବିନ୍ ଅର୍‌କମ୍ ର କଥାକୁ ରଦ୍ଦ କରିଦେଲେ ଫଳତଃ ଜଏଦ୍ ର:ଅଙ୍କୁ ଭିଷଣ ମାନସିକ କଷ୍ଟ ପହଂଚିଲା କିନ୍ତୁ ପରେ ପବିତ୍ର କୋରାନ୍‌ର ଐଶୀବାଣୀ ଯାହାକୁ ଏବେ ମୁଁ ପାଠ କରିସାରିଛି ତାହା ଜଏଦ୍ ର:ଅଙ୍କ କଥାକୁ ସମର୍ଥନ କରିଛି ଓ ମୁନାଫିକମାନଙ୍କୁ ମିଥ୍ୟାବାଦୀ ବୋଲି ଅଭିହିତ କରିଦେଇଛି ।

ଏପଟେ ତ ଆଁ ହଜରତ ସ:ଆ:ସ ଅବଦୁଲ୍ଲାଃ ବିନ୍ ଉବୈ ଇତ୍ୟାଦି ଲୋକମାନଙ୍କୁ ଡ଼ାକି ଏକଥାର ସତ୍ୟାସତ୍ୟ ଜାଣିବାପାଇଁ ଚେଷ୍ଟା କଲେ ଓ ସେପଟେ ଆଁ ହଜରତ ସ:ଆ:ସ ହଜରତ ଉମର୍ ର:ଅଙ୍କୁ ଏ ନିର୍ଦ୍ଦେଶ ଦେଲେ ଯେ, ବର୍ତମାନ ଲୋକମାନଙ୍କୁ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ବାହାରିଯିବା ପାଇଁ ନିର୍ଦ୍ଦେଶ ଦିଅ । ସେ ସମୟଟି ଦ୍ୱିପ୍ରହରର ସମୟ ଥିଲା ଯେବେ କି ଆଁ ହଜରତ ସ:ଆ:ସ ସାଧାରଣତଃ ଦ୍ୱିପ୍ରହର ସମୟରେ ଯୁଦ୍ଧ କରିବାପାଇଁ ବାହାରୁ ନଥିଲେ । ଅର୍ଥାତ ଯାତ୍ରା ଆରମ୍ଭ କରୁନଥିଲେ କାରଣ ଆରବର ପାଣିପାଗ ଦୃଷ୍ଟିକୋଣରୁ ସେ ସମୟରେ ଭିଷଣ ଗରମ ସମୟ ହୋଇଥାଏ ଓ ସେତେବେଳେ ଯାତ୍ରା କରିବା କଷ୍ଟ ଦାୟକ ହୋଇଥାଏ । କିନ୍ତୁ ଆପଣ ସ:ଆ:ସ ସେ ସମୟର ପରିସ୍ଥିତି ମୁତାବକ ଏକଥା ଉଚିତ ମଣିଲେ ଯେ, ବର୍ତମାନ ହିଁ ବାହାରି ପଡ଼ିବା ଉଚିତ ହେବ ସୁତରାଂ ଆଁ ହଜରତ ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ତତ୍‌କ୍ଷଣାତ୍ ଇସ୍‌ଲାମିୟ ସେନା ଲେଉଟିଯିବା ପାଇଁ ପ୍ରସ୍ତୁତ ହେଲା । ବୋଧ ହୁଏ ଏହି ଅବସରରେ ଅଓସ୍ କବିଲାର ଅତ୍ୟନ୍ତ ପ୍ରତିଷ୍ଠାବାନ୍ ସର୍ଦ୍ଦାର ଉସୈଦ୍ ବିନ୍ ହଜୀର୍ ଅନ୍‌ସାରୀ ର:ଅ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ତ ସାଧାରଣ ଏପରି ସମୟରେ ଯାତ୍ରା କରନ୍ତି ନାହିଁ ଆଜି କ'ଣ ଏମିତି ହୋଇଗଲା ଯେ, ବର୍ତମାନ ଦ୍ୱିପ୍ରହର ସମୟରେ ଯାତ୍ରା ଆରମ୍ଭ କରିବାକୁ ଲାଗିଲେ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ଯେ, ଉସୈଦ୍ ! କ'ଣ ତୁମେ ଏକଥା ଶୁଣିପାରିଲ ନାହିଁ ଅର୍ଥାତ ଅବଦୁଲ୍ଲାଃ ବିନ୍ ଉବୈ କି ପ୍ରକାର କଥା କହିଛି ? ସେ କହୁଛି ଯେ, ଆମେ ମଦିନାରେ ପହଂଚି ସମ୍ମାନୀୟ ବ୍ୟକ୍ତି ଅସମ୍ମାନୀୟ ବ୍ୟକ୍ତିଙ୍କୁ ବାହାର କରିଦେବ ଏଥିରେ ଉସୈଦ୍ ସଙ୍ଗେ ସେଙ୍ଗ ଏକଥା କହିଲେ ହଁ ଅଲ୍ଲାଃଙ୍କ ରସୁଲ୍ ! ଠିକ୍ ଅଛି ଏକଥା ତ ଏମିତି କି ଯଦି ଆପଣ ଚାହାନ୍ତି ନିଶ୍ଚିତ ରୂପେ ଅବଦୁଲ୍ଲାଃକୁ ମଦିନାରୁ ବାହାର କରିଦେବେ କାରଣ ଅଲ୍ଲାଃଙ୍କ ରାଣ ! ସମ୍ମାନୀତ ବ୍ୟକ୍ତି ହେଉଛନ୍ତି ଆପଣ ସେ ନୁହେଁ ସେ ତ' ଅସମ୍ମାନୀତ ବ୍ୟକ୍ତି ଅଟେ । ପୁଣି ହୁସୈଦ୍ ବିନ୍ ହଜୀର୍ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଜାଣିଛନ୍ତି ଯେ, ଆପଣଙ୍କ ଆବିର୍ଭାବ ପୂର୍ବରୁ ଅବଦୁଲ୍ଲାଃ ବିନ୍ ଉବୈ ନିଜ୍ କୌମ୍‌ରେ ବହୁତ ସମ୍ମାନୀତ ବ୍ୟକ୍ତି ଥିଲା ଓ ତା କୌମ୍ ତାକୁ ନିଜର ସମ୍ରାଟ ବନାଇବା ପାଇଁ ଚାହୁଁଥିଲା କିନ୍ତୁ ଆପଣଙ୍କ ଆବିର୍ଭାବ ହେବା ପରେ ତା'ର ସେ ସମସ୍ତ ଚେଷ୍ଟା ମାଟିରେ ମିଶିଗଲା । ତେଣୁ ଏଥିପାଇଁ ତା' ମନ ଭିତରେ ଆପଣଙ୍କ ପ୍ରତି ଇର୍ଷା ବଢ଼ିଯାଇଛି ତେଣୁ ତା'ର ଏମିତି ନିରର୍ଥକ କଥାରେ ଆପଣ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ ତାକୁ କ୍ଷମା କରିଦିଅନ୍ତୁ । କିଛି ସମୟ ମଧ୍ୟରେ ଅବଦୁଲ୍ଲାଃ ବିନ୍ ଉବୈ ର ପୁତ୍ର ଯାହାର ନାମ ହୁବାବ୍ ଥିଲା କିନ୍ତୁ ଆଁ ହଜରତ ସ:ଆ:ସ ସେହି ନାମଟିକୁ ପରିବର୍ତନ କରି ଅବଦୁଲ୍ଲାଃ ରଖିଥିଲେ ଅର୍ଥାତ ଏହି ହଜରତ ଅବଦୁଲ୍ଲାଃ ର:ଅ ଯାହାଙ୍କ ସମ୍ବନ୍ଧରେ ବର୍ତମାନ ଚର୍ଚ୍ଚା କରାଯାଉଅଛି, ସେ ଅତ୍ୟନ୍ତି ନିଷ୍ଠାବାନ ସାହାବୀ ଥିଲେ । ସେ ବ୍ୟତିବ୍ୟସ୍ତ ହୋଇ ଆଁ ହଜରତ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏକଥା ଶୁଣିବାକୁ ପାଇଲି ଯେ, ଆପଣ ମୋ ବାପାଙ୍କ ଧୃଷ୍ଟତା ଓ ବିଭ୍ରାଟକାରୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ହତ୍ୟା କରିବାପାଇଁ ନିର୍ଦ୍ଦେଶ ଦେବାକୁ ଚାହୁଁଛନ୍ତି । ଯଦି ଆପଣ ସ:ଆ:ସଙ୍କ ଏପରି ନିଷ୍ପତି ରହିଛି ତେବେ ଆପଣ ମତେ ହିଁ ନିର୍ଦ୍ଦେଶ ଦିଅନ୍ତୁ ମୁଁ ଏବେ ଯାଇ ମୋ ବାପାଙ୍କ ମୁଣ୍ଡ କାଟ କରି ଆପଣଙ୍କ ଚରଣ ତଳେ ରଖିଦେବି । କିନ୍ତୁ ଆପଣ ଆଉ କାହାକୁ ଏପରି କରିବାପାଇଁ ନିର୍ଦ୍ଦେଶ ଦିଅନ୍ତୁ ନାହିଁ କାରଣ ମୁଁ ଏକଥା ଭୟ କରୁଛି ଯେ, ଜାହିଲିୟତ୍‌ର କୌଣସି ଶିର କେତେବେଳେ ମୋ ଶରୀର ମଧ୍ୟରେ ଜୋଷ୍ ମାରିବ ଯଦ୍ୱାରା ମୁଁ ନିଜ ବାପାଙ୍କ ହତ୍ୟାକାରୀଙ୍କୁ କିଛି କ୍ଷତି ପହଂଚାଇଦେବି ଯଦ୍ୱାରା ଖୁଦାଙ୍କ ପ୍ରସନ୍ନତା ଚାହୁଁଥିବା ସତ୍ୱେ ମଧ୍ୟ ନର୍କରେ ଯାଇ ପଡ଼ିବି । ଏକଥା ଶୁଣି ଆଁ ହଜରତ ସ:ଆ:ସ ତାକୁ ସାନ୍ତ୍ୱନା ଦେଲେ ଓ କହିଲେ ଯେ, ଆମର କଦାପି ଏ ଉଦ୍ଦେଶ୍ୟ ନାହିଁ ବରଂ ଆମେ ତ ତୁମ ବାପାଙ୍କ ସହିତ ନମ୍ର ଓ ଦୟା ଆଚରଣ କରିବୁ ।

କିନ୍ତୁ ଅବଦୁଲ୍ଲାଃ ବିନ୍ ଅବଦୁଲ୍ଲାଃ ବିନ୍ ଉବୈ କୁ ନିଜ ବାପାଙ୍କ କାର୍ଯ୍ୟକଳାପ ବିରୋଧରେ ଏତେମାତ୍ରାରେ ଜୋଷ୍ ଥିଲା ଯେ, ଯେତେବେଳେ ଇସଲାମୀୟ ସେନା ମଦିନା ଆଡ଼କୁ ଲେଉଟିଲା ସେତେବେଳେ ଅବଦୁଲ୍ଲାଃ ନିଜ ବାପାର ରାସ୍ତାକୁ ଅବରୋଧ କରି ଛିଡ଼ା ହୋଇଗଲା ଓ କହିଲା ଯେ, ଅଲ୍ଲାଃଙ୍କ ରାଣ ! ମୁଁ ତୁମକୁ ସେ ପର୍ଯ୍ୟନ୍ତ ଏଠାରୁ ଲେଉଟି ଯିବାକୁ ଦେବି ନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜ ମୁହଁରେ ଏକଥା ସ୍ୱୀକାର ନ କରିଚ ଯେ, ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ମର୍ଯ୍ୟାଦାବାନ୍ ପୁରୁଷ ଓ ତୁମେ ହେଉଛ ଅସମ୍ମାନିତ ବ୍ୟକ୍ତି । ଅବଦୁଲ୍ଲାଃ ନିଜ ବାପାଙ୍କୁ ଏକଥା ବାଧ୍ୟ କରାଇଦେଲା ଯେ, ପରିଶେଷରେ ତା ବାପା ବିବସ ହୋଇ ଏ ବାକ୍ୟ କହିଦେଲା ଫଳତଃ ଅବଦୁଲ୍ଲାଃ ତାଙ୍କ ରାସ୍ତା ଛାଡ଼ିଦେଲା । *(ସିରତ୍ ଖାତ୍‌ମୁନ୍ ନବିଇନ୍ ସ:ଆ:ସ ପୃ-୫୫୭, ୫୫୯ ରୁ ୫୬୧)*

ଇବ୍‌ନେ ସାଆଦ୍ ଏ ଘଟଣାକୁ ଏମିତି ବର୍ଣ୍ଣନା କରିଛନ୍ତି ଅର୍ଥାତ ଯେତେବେଳେ ଆଁ ହଜରତ ସ:ଆ:ସ ସାହାବମାନଙ୍କୁ ବାହାରିବା ପାଇଁ ନିର୍ଦ୍ଦେଶ ଦେଲେ ସେତେବେଳେ ଅବଦୁଲ୍ଲାଃ ବିନ୍ ଉବୈର ପୁତ୍ର ହଜରତ ଅବଦୁଲ୍ଲାଃ ର:ଅ ନିଜ ବାପାଙ୍କ ରାସ୍ତାକୁ ଅବରୋଧ କଲେ ଏବଂ ଓଟ ପିଠିରୁ ତଳକୁ ଓହ୍ଲାଇ ଆସି ନିଜ ବାପାଙ୍କୁ କହିବାକୁ ଲାଗିଲେ ଯେ, ଯେ ପର୍ଯ୍ୟନ୍ତ ତୁମେ ଏହା ସ୍ୱୀକାର ନ କରିଛ ଯେ, ତୁମେ ଅତ୍ୟନ୍ତ ନୀଚ ଏବଂ ମୁହମ୍ମଦ ସ:ଆ:ସ ସମ୍ମାନୀୟ ମର୍ଯ୍ୟାଦାବନ୍ତ ବ୍ୟକ୍ତି ବିଶେଷ ବୋଲି ସେ ପର୍ଯ୍ୟନ୍ତ ମୁଁ ତୁମକୁ ଛାଡ଼ିବି ନାହିଁ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ନିକଟ ଦେଇ ଅତିକ୍ରମ କଲେ ସେତେବେଳେ ଆପଣ ସ:ଆ:ସ ତାଙ୍କୁ ନିର୍ଦ୍ଦେଶ ଦେଲେ ତା ରାସ୍ତାକୁ ଛାଡ଼ି ଦିଅ ଓ କହିଲେ ତାକୁ ଛାଡ଼ି ଦିଅ । ଆପଣ ସ:ଆ:ସ କହିଲେ ଯେ ମୋ ବୟସର ରାଣ ! ଆମେ ତା' ସହିତ ନିଶ୍ଚିତରୂପେ ସେ ପର୍ଯ୍ୟନ୍ତ ସଦ୍‌ବ୍ୟବହାର କରିବୁ ଯେ ପର୍ଯ୍ୟନ୍ତ ସେ ଆମ ଗହଣରେ ଜୀବିତ ରହିବ । *(ତବକାତୁଲ୍ କୁବ୍‌ରା ଖଣ୍ଡ-୨, ପୃ-୫୦...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)* ଏ କଥା ତବକାତୁଲ୍ କବୁରାରେ ଦରଜ ଅଛି ଓ ଏତଦ୍‌ବ୍ୟତିତ ଏକଥା ମଧ୍ୟ ଉଲ୍ଲେଖ ଅଛି ଯେ , ହଜରତ ଅବଦୁଲ୍ଲାଃଙ୍କ ବାପା ଅବଦୁଲ୍ଲାଃ ବିନ୍ ଉବୈ ଏକଥା ମଧ୍ୟ କହିଛନ୍ତି ଯେ, ***ଲଇଖୁରିଜନ୍ନଲ ଆଆଜ୍ଜୁ ମିନ୍‌ହଲ୍ ଅଜଲ୍*** ଅର୍ଥାତ ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନୀତ ବ୍ୟକ୍ତି ବା ଦଳ ନୀଚ ବ୍ୟକ୍ତି ବା ଦଳକୁ ନିଜ ସହର ଭିତରୁ ବାହାରକୁ ବାହାର କରିଦେବ ଏଥିରେ ହଜରତ ଅବଦୁଲ୍ଲାଃ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ସେ ହେଉଛି ଜଲିଲ୍ ଅର୍ଥାତ ନୀଚ ଓ ଆପଣ ହିଁ ହେଉଛନ୍ତି ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନୀୟ ବ୍ୟକ୍ତି । ସ୍ୱୟଂମ ପୁତ୍ର ନିଜ ବାପାଙ୍କ ସମ୍ବନ୍ଧରେ ଏକଥା କହିଲେ *(ଅଲ୍ ଇସ୍‌ତିଆବ୍........ ଖଣ୍ଡ-୩, ପୃ-୯୪୧ "ଅବଦୁଲ୍ଲାଃ ବିନ୍ ଅବଦୁଲ୍ଲାଃ ଅନ୍‌ସାରୀ" ଦାରୁଲ୍ ଜଏଲ୍ ବେରୁତ)* ।

ପୁଣି ଏକ ଅପବିତ୍ର ଲାଞ୍ଛନା ଯାହା ମୁନାଫିକ୍‌ମାନଙ୍କ ତରଫରୁ ଲଗାଗଲା ତାହା ଇଫକ୍ ଘଟଣା ସହିତ ଜଡିତ ଯାହାର ମୂଳ କାରଣ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଥିଲା । ବନୁ ମୁସ୍‌ତଲିକ୍ ଯୁଦ୍ଧରୁ ଫେରିବା ସମୟରେ ଏହି ଇଫକ୍ ଘଟଣାଟି ଘଟିଥିଲା । ସେଥିରେ ହଜ୍‌ରତ୍ ଆଇସା ର:ଅଙ୍କ ଉପରେ ଖରାପ ମିଥ୍ୟାରୋପ ଲଗାଯାଇଥିଲା ଓ ଏହି ମିଥ୍ୟାରୋପର ଶ୍ରଷ୍ଟା ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଥିଲା । ଇଫକ୍ ଘଟଣା ସମ୍ବନ୍ଧରେ ଗତବର୍ଷର ଶେଷରେ ଗୋଟିଏ ଖୁତ୍‌ବାରେ ସମ୍ପୂର୍ଣ୍ଣ ରୂପେ ବର୍ଣ୍ଣନା କରି ସାରିଛି । (ଖୁତ୍‌ବା ଜୁମା ପ୍ରଦତ ୧୪ ଡିସେମ୍ବର୍ ୨୦୧୮, ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୪ ଜାନୁଆରୀ ୨୦୧୯) କିନ୍ତୁ ଏଠାରେ ମଧ୍ୟ କିଛିଟା ମୁଁ ବର୍ଣ୍ଣନା କରିଦେଉଛି । ହଜ୍‌ରତ୍ ଆଇଶା ର:ଅଙ୍କ ରିଓ୍ୱାୟତ୍ ମଧ୍ୟ ଏପରି ରହିଛି । ତାହାକୁ ସମ୍ପୂର୍ଣ୍ଣ ରୂପେ ତ ନୁହେଁ ବରଂ ତାହାର କିଛି ଅଂଶ ମୁଁ ଏଠାରେ ବର୍ଣ୍ଣନା କରିବି ।

ସେ କହୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ କୌଣସି ଯାତ୍ରାରେ ବାହାରିବା ପାଇଁ ମନସ୍ଥ କରୁଥିଲେ ସେତେବେଳେ ସେ ନିଜ ସ୍ତ୍ରୀ ମାନଙ୍କ ମଧ୍ୟରେ କୁର୍‌ଆ (ଲଟେରୀ) ପକାଉଥିଲେ । ଯାହାଙ୍କ ନାମ ବାହାରୁଥିଲା ତାଙ୍କୁ ସେ ନିଜ ସାଥିରେ ନେଇ ଯାଉଥିଲେ । ସୁତରାଂ ଏ ଯାତ୍ରାରେ ଆମ ମଧ୍ୟରେ ମଧ୍ୟ କୁର୍‌ଆ ପଡିଲା ଓ ସେଥିରେ ମୋ ନା ବାହାରିଲା । ତେଣୁ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଗଲି । ସେ ସମୟରେ ପର୍ଦ୍ଦା କରିବାର ନିର୍ଦ୍ଦେଶ ଅବତୀର୍ଣ୍ଣ ହୋଇସାରିଥିଲା । ମୋତେ ହୁଦଜ୍ (ଅର୍ଥାତ୍ ଓଟ ଉପରେ ପର୍ଦ୍ଦାର ସହିତ ବସିବା ପାଇଁ ରଖାଯାଇଥିବା ସ୍ଥାନ)ରେ ବସାଯାଉଥିଲା ଏବଂ ସେହି ହୁଦଜ୍ ସମେତ ତଳକୁ ମଧ୍ୟ ଓହ୍ଲାଇ ଦିଆଯାଉଥିଲା । ତାହା ଗୋଟିଏ ବନ୍ଦ ହୋଇଥିବା ଚଉକି ଆକାରର ଥିଲା ଓ ତାହାର ଚତୁଃପାର୍ଶ୍ୱରେ ପରଦା ଲଟକୁ ଥିଲା । ସେଥିରେ ମୋତେ ବସାଇ ଦିଆଯାଇ ଓଟ ଉପରେ ରଖି ଦିଆଯାଉଥିଲା । ସେ ପୁଣି କହୁଛନ୍ତି ଆମେ ସେହିପରି ସେହି ଯାତ୍ରାରେ ଥିଲୁ । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଏହି ଅଭିଯାନ ଶେଷ କରି ଫେରିଆସିଲେ ଏବଂ ଆମେ ମଦିନାର ନିକଟରେ ପହଂଚିଥିଲୁ ଯେ ଗୋଟିଏ ରାତିରେ ଆପଣ ସ:ଆ:ସ ସେଠାରୁ ବାହାରି ଯିବାପାଇଁ ନିର୍ଦ୍ଦେଶ ଦେଲେ । ଯେତେବେଳେ ଲୋକମାନେ ସ୍ଥାନ ଛାଡିବା ପାଇଁ ଘୋଷଣା କଲେ ମୁଁ ମଧ୍ୟ ବାହାରି ପଡିଲି ଓ ସେନାଦଳଙ୍କ ଆଗକୁ ଟପିଗଲି । ମୋତେ ନିତ୍ୟକର୍ମ କରିବା ପାଇଁ ଆବଶ୍ୟକତା ଥିଲା । ତେଣୁ ଯେତେବେଳେ ମୁଁ ନିଜ ନିତ୍ୟକର୍ମ ଶେଷ କରି ନିଜ ହୃଦଜ ଆଡକୁ ଆସିଲି ସେତେବେଳେ ମୁଁ ନିଜ ଛାତିରେ ଯେତେବେଳେ ହାତ ମାରିଲି ସେତେବେଳେ ଏକଥା ଜାଣିବାକୁ ପାଇଲି ଯେ ମୋ ବେକରେ ଥିବା କଳା ରଙ୍ଗର ହାରଟି କେଉଁଠାରେ ଛିଣ୍ଡି ପଡିଯାଇଛି । ତେଣୁ ମୁଁ ସେଠାରୁ ଲେଉଟି ଯାଇ ନିଜର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family, Jamat Ahmadiyya, Pankal (Odisha)*

ହାରଟିକୁ ଖୋଜିବାକୁ ଲାଗିଲି । ଏତିକିବେଳେ ଲୋକମାନେ ଯେଉଁମାନେ ମୋ ଓଟକୁ ପ୍ରସ୍ତୁତ କରୁଥିଲେ ସେମାନେ ଆସିଲେ ଓ ମୋ ହୃଦଜ୍‌ଟିକୁ ଉଠାଇନେଇ ମୋ ଓଟ ଉପରେ ରଖିଦେଲେ, ଯେଉଁ ଓଟ ଉପରେ ମୁଁ ହୃଦଜ୍ ସମେତ ବସୁଥିଲି । ସେମାନେ ଏକଥା ଭାବିଥିଲେ ବୋଧହୁଏ ମୁଁ ସେହି ହୃଦଜ୍ ଭିତରେ ବସି ରହିଛି । ସେ ଯାହାହେଉ ସେମାନେ ଓଟଟିକୁ ଉଠାଇ ଚଲାଇଦେଲେ ଓ ନିଜେ ମଧ୍ୟ ତା ସହିତ ଚାଲିବାକୁ ଲାଗିଲେ । ଯେତେବେଳେ ସମ୍ପୂର୍ଣ୍ଣ ସେନାଦଳ ଚାଲିଗଲା ଓ ମୁଁ ମୋର ହାରଟିକୁ ଖୋଜି ପାଇଗଲି ଅର୍ଥାତ୍ ହାରଟି ମୋତେ ମିଳିଗଲା ସେତେବେଳେ ମୁଁ ନିଜର ରହଣି ସ୍ଥାନ ଆଡକୁ ଗଲି । ଏବଂ ମୁଁ ଏକଥା ଭାବିଲି ଯେ ସେହି ଲୋକମାନେ ମୋତେ ନପାଇ ମୋ ନିକଟକୁ ଲେଉଟି ଆସିବେ । ସେ କହୁଛନ୍ତି ମୁଁ ସେହି ରହଣି ସ୍ଥାନରେ ଯେତେବେଳେ ଯାଇ ପହଂଚିଲି ସେଠାରେ କେହି ନଥିଲେ । ତେଣୁ ମୁଁ ଏକଥା ମଧ୍ୟ ଚିନ୍ତାକଲି ଯେ ଯେତେବେଳେ ମୋତେ ସେମାନେ ହୃଦଜ୍ ଭିତରେ ବସିବାର ନ ପାଇବେ ସେତେବେଳେ ମୋ ପାଖକୁ ଚାଲିଆସିବେ । ସେ କହୁଛନ୍ତି ମୁଁ ଏହିଭଳି ବସିଥିଲି ଓ ଏହି ସମୟରେ ମୁଁ ଆଖି ଲାଗିଗଲା । ଫଳତଃ ମୁଁ ଶୋଇପଡିଲି । ସଫ୍‌ୱାନ୍ ବିନ୍ ମୁଅତଲ୍ ସଲ୍‌ମି ଜକୱାନି ସେନାର ପଛେ ପଛେ ଏଥିପାଇଁ ଏକଥା ଦେଖିବା ପାଇଁ ରହୁଥିଲେ ଯେ କୌଣସି ଜିନିଷପତ୍ର ପଛରେ ରହି ତ ରହି ନଯାଉ । ସେ କହୁଛନ୍ତି ସେ ସକାଳବେଳା ସେହି ରହଣି ସ୍ଥାନକୁ ଆସିଲେ ଯେଉଁଠି ଆମର ଛାଉଣି ପଡିଥିଲା । ସେଠାରେ ସେ ଜଣେ ଶୋଇଥିବା ବ୍ୟକ୍ତିକୁ ଦେଖିବାକୁ ପାଇଲେ । ସୁତରାଂ ସେ ମୋ ନିକଟକୁ ଆସିଲେ । ଯେହେତୁ ପର୍ଦ୍ଦା କରିବାର ନିର୍ଦ୍ଦେଶ ଆସିବା ପୂର୍ବରୁ ସେ ମୋତେ ଦେଖିଥିଲେ । ତେଣୁ ଯେତେବେଳେ ସେ ମୋତେ ଦେଖି ଚିହ୍ନିନେଲେ ସେ କହିଲେ – *ଇନ୍ନାଲିଲ୍ଲାଃ* । ତାଙ୍କର ଏହି ଇନ୍ନାଲିଲ୍ଲାଃ ପଢ଼ିବା ଯୋଗୁ ମୁଁ ଜାଗି ଉଠିଲି । ସେ ଯାହାହେଉ ତା'ପରେ ସେ ନିଜର ଓଟଟିକୁ ବସାଇଦେଲେ ଏବଂ ମୁଁ ସେଥିରେ ଆରୋହଣ କଲି । ସେ ଓଟଟିର ଲଗାମ୍‌କୁ ଧରି ପାଦରେ ଚାଲିବାକୁ ଲାଗିଲେ । ଏପରିକି ଆମେ ସେତେବେଳେ ଯାଇ ସେନାଦଳଙ୍କ ସହିତ ମିଶିଗଲୁ, ଯେତେବେଳେ ଲୋକମାନେ ଠିକ୍ ଦ୍ୱିପ୍ରହର ସମୟରେ ଆରାମ କରିବା ପାଇଁ ଛାଉଣି ପକାଇଥିଲେ । ପୁଣି ହଜ୍‌ରତ୍ ଆଇଶା କହୁଛନ୍ତି ଯେ ଯାହାକୁ ନଷ୍ଟ ହେବାର ଥିଲା ସେ ନଷ୍ଟ ହୋଇଗଲା ଅର୍ଥାତ୍ ମିଥ୍ୟାରୋପ ଲଗାଇ ସେ ନିଜକୁ ଧ୍ୱଂସ ମୁହଁରେ ପକାଇଦେଲା ଓ ଏହି ମିଥ୍ୟାରୋପକୁ ଲଗାଇଥିବା ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଥିଲେ । ସେ ଯାହାହେଉ ସେ କହୁଛନ୍ତି ଯେ ଆମେ ମଦିନାରେ ପହଂଚିଗଲୁ ଓ ମୁଁ ସେଠାରେ ଏକମାସ ପର୍ଯ୍ୟନ୍ତ ବେମାର ପଡିଗଲି । ମୋର ଏହି ବେମାର ରହିବା ସମୟରେ ମିଥ୍ୟାରୋପ ଓ ଲାଞ୍ଛନା ଲଗାଇଥିବା ଲୋକମାନଙ୍କ କଥା ବିଷୟରେ ଲୋକମାନେ ଚର୍ଚ୍ଚା କରୁଥିଲେ ଓ ଯେଉଁକଥାକୁ ସେ ଜାଣିପାରୁନଥିଲେ ଯେ କ'ଣ କଥା ଚାଲିଛି କିନ୍ତୁ ସେ କହୁଛନ୍ତି ଯେ ସେ ସମୟରେ ଯେଉଁକଥା ମୋତେ ସନ୍ଦେହରେ ପକାଉଥିଲା ତାହା ଏହାଥିଲା ଯେ ମୁଁ ନବୀ କରିମ୍ ସ:ଆ:ସଙ୍କ ଠାରୁ ସେପରି ଆଦର ଦେଖୁନଥିଲି ଯେମିତି ମୁଁ ବେମାର ପଡିବା ସମୟରେ ତାଙ୍କଠାରୁ ପୂର୍ବେ ଦେଖୁଥିଲି । ନବୀ କରିମ୍ ସ:ଆ:ସ କେବଳ ଘର ଭିତରକୁ ଆସନ୍ତି ଏବଂ ଅସ୍‌ସଲାମୋ ଆଲୈକୁମ୍ କୁହନ୍ତି । ପୁଣି ପଚାରନ୍ତି ଏବେ ସେ କେମିତି ଅଛନ୍ତି ? ହଜ୍‌ରତ୍ ଆଇଶା କହୁଛନ୍ତି– ଏହି ମିଥ୍ୟାରୋପ ଲାଞ୍ଛନା ବିଷୟରେ ମୋତେ କିଛି ଜ୍ଞାନ ନଥିଲା । ସୁତରାଂ ଦିନେ ମୁଁ ଉମ୍ମେ ମିସ୍‌ତିହ୍‌ଙ୍କ ସହିତ ବାହାରକୁ ଗଲି । ନିତ୍ୟକର୍ମ ସମ୍ପାଦନ କରିବା ପାଇଁ ସେ ସମୟରେ ବାହାରକୁ ଯାଉଥିଲେ । ସେତେବେଳେ ସେ ମୋତେ ତୋହ୍‌ମତ୍ (ମିଥ୍ୟାରୋପ ଓ ଲାଞ୍ଛନା) ଲଗାଇଥିବା ଲୋକମାନଙ୍କ କଥା ଶୁଣାଇଲେ । ଯେତେବେଳେ ମୁଁ ନିଜ ଘରକୁ ଲେଉଟି ଆସିଲି ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମୋ ନିକଟକୁ ଆସିଲେ ଓ ଅସ୍‌ସଲାମୁ ଆଲୈକୁମ୍ କହିଲେ ଏବଂ ତା'ପରେ ମୋତେ ପଚାରିଲେ– ଏବେ ତୁମେ କିପରି ଅଛ ? ଏକଥା ଶୁଣି ତାଙ୍କୁ ନିବେଦନ କଲି ଯେ ମୋତେ ମୋ ମା ବାପାଙ୍କ ନିକଟକୁ ଯିବାକୁ ଦିଅ । ଆପଣ ସ:ଆ:ସ ମୋତେ ଅନୁମତି ଦେଇଦେଲେ । ସୁତରାଂ ମୁଁ ମୋ ମାଆ ବାପାଙ୍କ ନିକଟକୁ ଚାଲିଆସିଲି ଓ ମୁଁ ମୋ ମାଆକୁ ପଚାରିଲି ଯେ ଲୋକମାନେ କ'ଣ କଥା ହେଉଛନ୍ତି । ଏଥିରେ ସେ ମୋତେ କହିଲେ ଝିଅ ଏକଥାରେ ମୁଣ୍ଡ ପୁରାଇ ଜଞ୍ଜାଳରେ ନିଜକୁ ପକାଓନାହିଁ, ଶାନ୍ତିରେ ରୁହ । ଲୋକମାନେ ତ ଏହିଭଳି କଥା ହୋଇଥାନ୍ତି । ମୁଁ କହିଲି ସୁବ୍‌ହାନଲ୍ଲାଃ ! (ଅର୍ଥାତ୍ ଅଲ୍ଲାଃ ହେଉଛନ୍ତି ପବିତ୍ର) । ଲୋକମାନେ ଏମିତି କଥାର ଚର୍ଚ୍ଚା କରୁଛନ୍ତି । ସେ କହୁଛନ୍ତି ଯେ ଯେତେବେଳେ ମୁଁ ଏକଥା ଜାଣିବାକୁ ପାଇଲି ଯେ ମୋ ଉପରେ ଏଭଳି ମିଥ୍ୟାରୋପ ଲଗାଯାଇଛି ସେତେବେଳେ ମୁଁ ସେହି ରାତିଟିକୁ ଏପରି କାଟିଲି ଯେ ନା ତ ସକାଳ ପର୍ଯ୍ୟନ୍ତ ମୋର ଅଶ୍ରୁ ବହିବା ବନ୍ଦ ହେଲା ଓ ନା ତ ମୋତେ ନିଦ ଆସିଲା । ସେ ଯାହାହେଉ ଏହିଭଳି କଥା ଚର୍ଚ୍ଚା ଚାଲିଥିଲା । ତେଣୁ କେତେକ ସାହାବା ମାନଙ୍କ ସହିତ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ପରାମର୍ଶ କଲେ । ହଜ୍‌ରତ୍ ଆଇଶା କହୁଛନ୍ତି ଯେ ଦିନେ ରସୁଲୁଲ୍ଲାଃ ସ:ଆ:ସ ବରିରାଃକୁ ଡକାଇ ପଠାଇଲେ ଯିଏ ହଜ୍‌ରତ୍ ଆଇଶା ର:ଅଙ୍କର ସେବା କରିବା ପାଇଁ ନିୟୋଜିତ ଥିଲେ । ଆପଣ ସ:ଆ:ସ ବରିରାଃକୁ କହିଲେ– ହେ ବରିରାଃ ! କ'ଣ ତୁମେ ଯାଙ୍କ ନିକଟରେ ଅର୍ଥାତ୍ ହଜ୍‌ରତ୍ ଆଇଶାଙ୍କ ନିକଟରେ ଏପରି କୌଣସି କଥା ଦେଖିଛ ଯାହା ତୁମକୁ ସନ୍ଦେହରେ ପକାଉଥିବ ? ଏଥିରେ ବରିରାଃ କହିଲେ– କଦାପି ନୁହେଁ । ମୁଁ ଏପରି କୌଣସି କଥା ଦେଖିନାହିଁ । ଏବଂ ତତ୍ ସହିତ ଏକଥା ମଧ୍ୟ କହିଲେ ଯେ ମୁଁ ତା ରାଣ ଖାଇ କହୁଛି ଯିଏ ଆପଣଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି ମୁଁ ହଜ୍‌ରତ୍ ଆଇଶା ର:ଅଙ୍କ ନିକଟରେ ଏହାଠାରୁ ଅଧିକା ଆଉ କୌଣସି କଥା ଦେଖିନାହିଁ ଯାହାକୁ ମୁଁ ତାଙ୍କ ପାଇଁ ଖରାପ ଭାବୁଥିବି ଅର୍ଥାତ୍ ସବୁଠାରୁ ବଡ ଦୁର୍ବଳତା ଯାହାକୁ ମୁଁ ଦେଖିବାକୁ ପାଇଲି ତାହା ହେଉଛି ଏହା କି ସେ ହେଉଛନ୍ତି ଜଣେ ଅଳ୍ପ ବୟସ୍କା ଝିଅ । ପିଲାଳିଆ ବୁଦ୍ଧି ଓ ତାକୁ ଅଧିକ ନିଦ ଆସୁଛି ଏବଂ ବେଳେବେଳେ ଅଟାକୁ ଛାଡି ମଧ୍ୟ ଶୋଇଯାଉଛନ୍ତି । ଫଳତଃ ଘର ଭିତରେ ଛେଳି ପଶି ସେହି ଅଟାକୁ ଖାଇ ଦେଉଛନ୍ତି ଅର୍ଥାତ୍ ସେ ଏତେଟା ସଚେତନ ନୁହଁନ୍ତି । ଏହି କଥା ବ୍ୟତୀତ ଏହାଠାରୁ ଅଧିକ କିଛି ଦୋଷ ଦୁର୍ବଳତା ମୁଁ ଦେଖିନାହିଁ ଓ ତାହା ହେଉଛି ଏହା କି ତାଙ୍କୁ ଅଧିକ ନିଦ ଆସୁଛି । ଏକଥାକୁ ଶୁଣି ସେହିଦିନ ରସୁଲୁଲ୍ଲାଃ ସ:ଆ:ସ ସାହାବାମାନଙ୍କୁ ସମ୍ବୋଧନ କରି କହିଲେ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ ସମ୍ବନ୍ଧରେ ଅଭିଯୋଗ କଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ଏକଥା କହିଲେ– ଏଭଳି ବ୍ୟକ୍ତିକୁ କିଏ ସମ୍ଭାଳିବ ଯିଏ ମୋ ସ୍ତ୍ରୀଙ୍କ ସମ୍ବନ୍ଧରେ ମଧ୍ୟ ମୋତେ ଦୁଃଖ ପହଂଚାଇଛି ଏବଂ ଆପଣ ସ:ଆ:ସ କହିଲେ ଯେ ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ମୁଁ ମୋ ସ୍ତ୍ରୀଙ୍କ ନିକଟରେ ଭଲ ଛଡା ଆଉକିଛି କଥା ଦେଖିବାକୁ ପାଇନାହିଁ । ଏବଂ ସେହି ଲୋକମାନେ ଯାହା ଉପରେ ଅଭିଯୋଗ ଲଗାଇଥିଲେ ତାହା ସମ୍ବନ୍ଧରେ ଆପଣ ସ:ଆ:ସ କହିଲେ ଯେ ଏମିତି ବ୍ୟକ୍ତିଙ୍କ ସମ୍ବନ୍ଧରେ ମୁଁ କ'ଣ କହିବି ଯାହାଙ୍କ ବିଷୟରେ ମୋତେ ଭଲ ବ୍ୟତୀତ ଆଉ କିଛି ଜ୍ଞାନ ନାହିଁ । ମୋର ଘର ଲୋକଙ୍କ ନିକଟକୁ ଯେବେ ମଧ୍ୟ ସେ ଆସନ୍ତି ସେତେବେଳେ ମୋ ସହିତ ହିଁ ଆସୁଥିଲେ । କେବେ ଏକୁଟିଆ ଆସିନାହାଁନ୍ତି । ସେ ଯାହାହେଉ ସାରାଂଶ ହେଉଛି ଏହା କି ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି ଯେ ଦିନେ ଆଁ ହଜ୍‌ରତ୍ ସ:ଆ:ସ ମୋ ସହିତ ସିଧା ସଳଖ କଥା ହୋଇ ଏ ସମ୍ବନ୍ଧରେ ପଚାରିଲେ । ସୁତରାଂ ମୁଁ ତାଙ୍କୁ କହିଲି ଯେ ଅଲ୍ଲାଃଙ୍କ ରାଣ ମୁଁ ଏକଥା ଜାଣିସାରିଛି ଯେ ଆପଣ ସେହି କଥା ଶୁଣିସାରିଛନ୍ତି ଯେଉଁକଥାକୁ ଲୋକମାନେ ଆପୋଷରେ ଚର୍ଚ୍ଚା କରୁଛନ୍ତି ଓ ମୋ ଉପରେ ଆପତି ଅଭିଯୋଗ ଓ ମିଥ୍ୟାରୋପ ଲଗାଇଛନ୍ତି । ସୁତରାଂ ଯଦି ମୁଁ ଆପଣଙ୍କୁ ଏକଥା କହିବି ଯେ ମୁଁ ଏଥିରୁ ମୁକ୍ତ ଏବଂ ମୁଁ ଏପରି କୌଣସି କଥା କହିନାହିଁ ବୋଲି ଯେବେ କି ଅଲ୍ଲାଃ ଏକଥା ଭଲ ଭାବେ ଜାଣିଛନ୍ତି ମୁଁ ବାସ୍ତବିକ୍ ଏଥିରୁ ମୁକ୍ତ । ତେବେ ମଧ୍ୟ ଆପଣ ସ:ଆ:ସ ମୋତେ ସତ୍ୟବାଦୀ ବୋଲି ଭାବିବେ ନାହିଁ । ଏବଂ ଯଦି ମୁଁ ଆପଣଙ୍କ ନିକଟରେ କୌଣସି କଥାକୁ ସ୍ୱୀକାର କରିନିଏ ଯେବେ କି ଅଲ୍ଲାଃତାଲା ଖୁବ୍ ଜାଣିଛନ୍ତି ଯେ ମୁଁ ଏମିତି କଥାରୁ ପବିତ୍ର ବୋଲି ଓ ମୁଁ ଏପରି କୌଣସି କଥା କହିନାହିଁ କିନ୍ତୁ ଆପଣ ଏହି ସ୍ୱୀକାରୋକ୍ତି କରିବାରେ ମୋତେ ସତ୍ୟବାଦୀ ବୋଲି ଜାଣିନେବେ କାରଣ ଲୋକମାନଙ୍କ ମଧ୍ୟରେ ଏକଥା ଏତେ ମାତ୍ରାରେ ବ୍ୟାପିସାରିଛି । ପ୍ରତ୍ୟେକ ବ୍ୟକ୍ତି ଏହାକୁ ଜାଣିସାରିଲିଣି । କେତେକ ସାହାବୀମାନେ ମଧ୍ୟ ଏମିତି କଥା କହୁଛନ୍ତି । ପୁଣି କହୁଛନ୍ତି ମୁଁ କହିଲି ଅଲ୍ଲାଃଙ୍କ ରାଣ ! ମୁଁ ମୋର ଏବଂ ଆପଣଙ୍କର କୌଣସି ଉଦାହରଣ ୟୁସୁଫ୍‌ଙ୍କ ବାପାଙ୍କ ବ୍ୟତୀତ ଆଉକିଛି ପାଉନାହିଁ । ସେ କହିଥିଲେ ଯେ ***ଫସବ୍‌ରୁନ୍ ଜମିଲୁନ୍ ୱଲ୍ଲାହୁଲ୍ ମୁସ୍‌ତଆନୁ ଆଲା ମା ତସିଫୁନ୍*** ଅର୍ଥାତ୍ ଧୈର୍ଯ୍ୟ ଧରିବା ହିଁ ଠିକ୍ ହେବ ଏବଂ ଅଲ୍ଲାଃଙ୍କ ଠାରୁ ହିଁ ସାହାଯ୍ୟ ଭିକ୍ଷା କରିବା ଉଚିତ୍ ଯେଉଁ କଥାକୁ ଆପଣମାନେ ବର୍ଣ୍ଣନା କରୁଛନ୍ତି । ଏକଥା ସୁରଃ ୟୁସୁଫ୍‌ରେ ବର୍ଣ୍ଣିତ ଅଛି । ତା'ପରେ ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି– ମୁଁ ସେଠାରୁ ଗୋଟିଏ ପଟକୁ ହଟିଯାଇ ନିଜ ବିଛଣା ଉପରକୁ ଚାଲିଗଲି ଓ ମୁଁ ଏ ଆଶା କରିଥିଲି ଯେ ଅଲ୍ଲାଃତାଲା ମୋତେ ନିଶ୍ଚିତ ରୂପେ ଦୋଷମୁକ୍ତ କରିବେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଜଣାଇଦେବେ ଯେ ମୁଁ ଏହି ମିଥ୍ୟାରୋପରୁ ମୁକ୍ତ ବୋଲି । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି ଯେ ଏହି ଘଟଣା ଘଟିବା ପରେ ଯେବେ ମୁଁ ଏକଥା କହିଲି ତା'ପରେ ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଆଁ ହଜ୍‌ରତ୍ ସ:ଆ:ସ ଏବେ ବସିବା ସ୍ଥାନରୁ ଉଠି ନଥିଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ୱହି (ଅର୍ଥାତ୍ ସ୍ୱର୍ଗବାଣୀ) ଅବତୀର୍ଣ୍ଣ ହେଲା । ସେ ସମୟରେ ହଜ୍‌ରତ୍ ଅବୁ ବକର୍ ର:ଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଆଇଶା ର:ଅଙ୍କ ମାଆ ମଧ୍ୟ ଉପସ୍ଥିତ ଥିଲେ । ପୁଣି ଆଇଶା କହୁଛନ୍ତି ଯେ ଘରର ଲୋକମାନେ ଓ ଅହ୍‌ଲେ ବୟତ୍ ମଧ୍ୟରୁ କେହି ବାହାରକୁ ଯାଇନଥିଲେ । ସମସ୍ତେ ସେଠାରେ ଉପସ୍ଥିତ ଥିଲେ । ସ୍ୱର୍ଗବାଣୀ ହେବା ସମୟରେ ଯେଉଁ ପ୍ରକାରର କଷ୍ଟ ଆପଣ ସ:ଆ:ସଙ୍କୁ ହୁଏ ସେହିପରି କଷ୍ଟ ଆପଣ ସ:ଆ:ସଙ୍କୁ ହେବାକୁ ଲାଗିଲା । ଶରୀର ଝାଳରେ ଜୁଡୁବୁଡୁ ହୋଇଗଲା । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି– ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଏହିଭଳି ସ୍ୱର୍ଗବାଣୀ ହେବାର ଅବସ୍ଥା ଶେଷ ହୋଇଗଲା ସେତେବେଳେ ଆପଣ ସ:ଆ:ସ ସ୍ମିତହାସ୍ୟ ଦେଉଥିଲେ ଏବଂ ଯେଉଁ ପ୍ରଥମ କଥାଟି ତାଙ୍କ ଶ୍ରୀମୁଖରୁ ବାହାରିଲା ତାହା ଏପରି ଥିଲା ଯେ ଆଇଶା ! ଅଲ୍ଲାଃଙ୍କୁ କୃତଜ୍ଞତା ଜ୍ଞାପନ କର କାରଣ ଅଲ୍ଲାଃତାଲା ତୁମକୁ ମୁକ୍ତ କରିଦେଇଛନ୍ତି । ଏକଥା ଶୁଣି ମୋର ମାଆ ମୋତେ କହିଲେ ଯେ ଉଠ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଯାଓ । ମୁଁ କହିଲି ଅଲ୍ଲାଃଙ୍କ ସୌଗନ୍ଧ ! କଦାପି ନୁହେଁ । ମୁଁ ତାଙ୍କୁ ଧନ୍ୟବାଦ ଜଣାଇବି ନାହିଁ । ମୁଁ ତାଙ୍କ ପାଖକୁ ଉଠିଯିବି ନାହିଁ ଏବଂ ଅଲ୍ଲାଃଙ୍କ ଛଡା କାହାରିକୁ ଧନ୍ୟବାଦ ଜଣାଇବି ନାହିଁ । ଅଲ୍ଲାଃତାଲା ଏହି ୱହି କରିଥିଲେ ଅର୍ଥାତ୍ *ଇନ୍ନଲ୍‌ଲଜିନା ଯାଉ ବିଲ୍‌ଇଫ୍‌କି ଉସ୍‌ବତୁମ୍ ମିନ୍‌କୁମ୍* ଅର୍ଥାତ୍ ଯେଉଁ ଲୋକମାନେ ମିଥ୍ୟାରୋପ ଲାଞ୍ଛନା ଲଗାଇଥିଲେ ସେମାନେ ତୁମମାନଙ୍କ ମଧ୍ୟରୁ ଗୋଟିଏ ଦଳ ଅଟନ୍ତି । ଏହି ସବୁ କଥା ସତ୍ୱେ ମଧ୍ୟ ପରିଶେଷରେ ଏହି ମୁକ୍ତି ମିଳିଗଲା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ଏହାର ଘୋଷଣା କରିଦେଲେ । ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ଆୟତ୍ ଅବତୀର୍ଣ୍ଣ କରିଦେଲେ । ହଜ୍‌ରତ୍ ଆଇଶା ର:ଅ ଏକଥା କହୁଥିଲେ ଯେ ମୁଁ ଏକଥା ଭାବୁଥିଲି ଯେ ବୋଧହୁଏ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ କୌଣସି ସ୍ୱପ୍ନ ବା ଆଉକିଛି ଉପାୟରେ ବତାଇଦେବେ ବୋଲି । ମୁଁ ଏ ଆଶା କରିନଥିଲି ଯେ ପବିତ୍ର କୋରାନ୍‌ର ଆୟତ୍ ଏ ସମ୍ବନ୍ଧରେ ଅବତୀର୍ଣ୍ଣ ହେବ ବୋଲି । (ସହି ବୁଖାରୀ କିତାବୁଶ୍ ଶାହାଦାତ୍..... ହଦିସ୍ ନଂ–୨୬୬୧ )

ତେବେ ଏପରି ଏ ମାମଲା ଶେଷ ହୋଇଗଲା । ତାଙ୍କ ଉପରେ ମିଥ୍ୟାରୋପ ଲଗାଗଲା ଓ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରାଗଲା କିନ୍ତୁ ଏହି ସବୁ କଥା ସତ୍ୱେ ମଧ୍ୟ ସେହି ମୁନାଫିକ୍‌ର ସର୍ଦ୍ଦାର ସହିତ ଆଁ ହଜ୍‌ରତ୍ ସ:ଆ:ସ ରହ୍‌ମତୁଲ୍‌ଲିଲ୍ ଆଲମିନ୍‌ଙ୍କର ବ୍ୟବହାର କିପରି ଥିଲା ? ହଜ୍‌ରତ୍ ଅବ୍‌ଦୁଲ୍ଲାଃ ର:ଅଙ୍କ ବାପାଙ୍କର ଯେତେବେଳେ ଦେହାନ୍ତ ହେଲା ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କର


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*



**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ–୪, ପୃ–୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ସେତେବେଳେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରରେ ନିଜ ବାପାର ଯନାଜାଃ ନମାଜ ପଢ଼ିବା ପାଇଁ ନିବେଦନ କଲେ । ସେହିପରି ସେ ଏକଥା ମଧ୍ୟ ଦରଖାସ୍ତ କଲେ ଯେ ଆପଣ ସ:ଆ:ସ ନିଜର କମିଜ୍ ପ୍ରଦାନ କରନ୍ତୁ ଯଦ୍ୱାରା ସେ ସେହି କମିଜ୍ ସାହାଯ୍ୟରେ ନିଜ ବାପାର କଫନ୍ ରୂପେ ବ୍ୟବହାର କରିପାରିବ ଓ ଏହିପରି କାଳେ ମୋର ବାପାଙ୍କ (ପାପ) ହାଲ୍‌କା ହୋଇଯିବ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ତାଙ୍କ କୁର୍ତାଟି ପ୍ରଦାନ କଲେ । ଆଉ ଗୋଟିଏ ରିୱାୟତ୍‌ରେ ଏପରି କଥା ମଧ୍ୟ ଉଲ୍ଲେଖ ରହିଛି ଯେ ଯେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ର:ଅଙ୍କ ବାପା ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲଙ୍କର ଦେହାନ୍ତ ହେଲା ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ ନିବେଦନ କଲେ ଯେ ଆପଣ ସ:ଆ:ସ ନିଜର କମିଜ୍‌ଟିକୁ ଦିଅନ୍ତୁ ଯଦ୍ୱାରା ମୁଁ ଏହା ସାହାଯ୍ୟରେ ନିଜ ବାପାଙ୍କୁ କଫନ୍ ଦେବି ଏବଂ ତାଙ୍କ ପାଇଁ ନମାଜ ଯନାଜାଃ ପଢ଼ନ୍ତୁ । ତାଙ୍କ ପାଇଁ କ୍ଷମା ଇଚ୍ଛା କରନ୍ତୁ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ନିଜର କମିଜ୍‌ଟି ପ୍ରଦାନ କରି କହିଲେ ଯେ ଯେତେବେଳେ ତୁମେମାନେ ତଜ୍‌ହିଜ୍ ୱ ତକ୍‌ଫିନ୍ କାର୍ଯ୍ୟ ସମ୍ପାଦନ କରିନେବ ସେତେବେଳେ ମୋ ସହିତ ଆସି ଡାକି ନେବ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଯନାଜାଃ ନମାଜ ପାଠ କରିବାକୁ ଲାଗିଲେ ସେତେବେଳେ ହଜ୍‌ରତ୍ ଉମ୍ମର୍ ର:ଅ କହିଲେ ଯେ ଅଲ୍ଲାଃତାଲା ଆପଣଙ୍କୁ ମୁନାଫିକ୍ ମାନଙ୍କ ଯନାଜାଃ ନମାଜ୍ ପଢ଼ିବା ପାଇଁ ମନା କରିଛନ୍ତି । ଏକଥା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ମୋତେ ଏ ସ୍ୱାଧିନତା ଦିଆଯାଇଛି ଯେ ମୁଁ ତା'ପାଇଁ ଇସ୍‌ତେଗ୍‌ଫାର୍ (ଅର୍ଥାତ୍ କ୍ଷମା ଚାହିଁବା) କାର୍ଯ୍ୟ କରିପାରେ ବା ନ କରିପାରେ । ସୁତରାଂ ରସୁଲୁଲ୍ଲାଃ ସ:ଆ:ସ ତାଙ୍କର ଯନାଜାଃ ନମାଜ ପାଠ ପଢ଼ାଇଲେ । ପୁଣି ଯେତେବେଳେ ଅଲ୍ଲାଃତାଲା ଏହିଭଳି ଲୋକମାନଙ୍କର ଯନାଜାଃ ନମାଜ ନ ପଢ଼ିବା ପାଇଁ ସମ୍ପୂର୍ଣ୍ଣ ରୂପେ ମନା କରିଦେଲେ ସେତେବେଳେ ପୁଣି ଆଁ ହଜ୍‌ରତ୍ ସ:ଆ:ସ ମୁନାଫିକ୍ ମାନଙ୍କ ଯନାଜାଃ ନମାଜ ପଢ଼ିବା ବନ୍ଦ୍ କରିଦେଲେ । (ଅଲ୍ ଇସ୍‌ତିଆବ୍ ଫି ମାରେଫତିଲ୍ ଅସ୍‌ହାବ୍, ଖଣ୍ଡ-୩, ପୃଷ୍ଠା-୯୪୧ "ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ଅନ୍‌ସାରୀ" ଦାରୁଲ୍ ଜୈଲ୍ ବେରୁତ) ।

ଏହା ମଧ୍ୟ ରିୱାୟତ୍ ଅଛି ଯେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସେଠାରେ ପହଂଚିଲେ ତାକୁ କବର୍ ଭିତରେ ରଖା ସରିଥିଲା । ଆପଣ ସ:ଆ:ସ ତାକୁ ବାହାରକୁ ବାହାର କରାଇଲେ, ନିଜ ଗୋଡ ଉପରେ ତାର ମୁଣ୍ଡକୁ ରଖିଲେ ଏବଂ ପୁଣି ନିଜର ମୁହଁର ଲାଳ ତା ମୁହଁରେ ଲଗାଇଲେ ଓ ଦୁଆ କଲେ, ପୁଣି ନିଜର କମିଷ୍ଟ୍‌କୁ ବାହାର କରି ଦେଇଦେଲେ । (ସହି ବୁଖାରୀ କିତାବୁଲ୍ ଜନାଇଜ୍.....ହଦିସ୍ ନଂ - ୧୩୫୦)

ଆଉ ଗୋଟିଏ ରିୱାୟତ୍ ଏପରି ମଧ୍ୟ ରହିଛି କି ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ବଦର୍ ଯୁଦ୍ଧ ସମୟରେ କାଫିର୍‌ମାନଙ୍କୁ କଏଦ୍ କରି ଅଣାଗଲା । ସେଥିରେ ଅବ୍‌ବାସ୍ ମଧ୍ୟ ଥିଲେ ଓ କୌଣସି କପଡା ତାଙ୍କ ପାଖରେ ନଥିଲା । ସୁତରାଂ ନବୀ କରିମ୍ ସ:ଆ:ସ ତାଙ୍କ ପାଇଁ ଖଣ୍ଡେ ଜାମା ଖୋଜିଲେ । ଲୋକମାନେ ଅବ୍‌ଦୁଲ୍ଲାଃ ବିନ୍ ଉବୈଙ୍କ କୁର୍ତାଟିକୁ ତାଙ୍କ ପାଇଁ ନେଇ ଆସିଲେ । ନବୀ କରିମ୍ ସ:ଆ:ସ ସେହି କମିଷ୍ଟ୍‌କୁ ତାଙ୍କୁ ପିନ୍ଧାଇଦେଲେ । ସେଥିଯୋଗୁ ନବୀ କରିମ୍ ସ:ଆ:ସ ଅବ୍‌ଦୁଲ୍ଲାଃ ବିନ୍ ଉବୈଙ୍କ ପାଇଁ ତାଙ୍କ ମୃତ୍ୟୁ ପରେ ନିଜର କୁର୍ତାଟିକୁ ବାହାର କରି ଦେଇଦେଲେ ଯେ ତାକୁ ପିନ୍ଧାଇ ଦିଆଯାଉ ।

ଇବ୍‌ନେ ଐଇନାଃ କହୁଛନ୍ତି ଯେ ନବୀ କରିମ୍ ସ:ଆ:ସଙ୍କ ସହିତ ସେ ସଦ୍ ବ୍ୟବହାର କରିଥିଲା । ତେଣୁ ନବୀ କରିମ୍ ସ:ଆ:ସ ଏହା ଚାହିଁଲେ ଯେ ତା ସହିତ ମଧ୍ୟ ସଦ୍‌ବ୍ୟବହାର କରାଯାଉ । (ବୁଖାରୀ କିତାବୁଲ୍ ଜିହାଦ୍....ହଦିସ୍ ନଂ-୩୦୦୮)

ଯଦିଚ ଏହିପରି ରିୱାୟତ୍ ସହି ବୁଖାରୀରେ ମିଳିଥାଏ କିନ୍ତୁ ଏହା ସେତେ ଠିକ୍ ମଧ୍ୟ ଲାଗୁନାହିଁ । କାରଣ ଆଁ ହଜ୍‌ରତ୍ ସ:ଆ:ସ ରହ୍‌ମତୁଲ୍ ଲିଲ୍ ଆଲମିନ୍ ଅର୍ଥାତ୍ ଏ ବିଶ୍ୱପାଇଁ କରୁଣାମୟ ଥିଲେ । ସେ କେବଳ ଏହି ବ୍ୟବହାର ଯୋଗୁ ବା ଏକଥା ଯୋଗୁ ଏପରି କରିନଥିବେ । ପ୍ରଥମତଃ ଏହା ହେଉଛି ଯେ କେତେକଙ୍କ ନିକଟରେ ସେ ବଦର୍ ଯୁଦ୍ଧ ସମୟରେ ମୁସଲ୍‌ମାନ୍ ମଧ୍ୟ ହୋଇନଥିଲା । ଏବଂ ଯଦି ଏକଥାକୁ ମାନି ନିଆଯାଏ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସେ ନିଜର କମିଜ୍ ବାହାର କରି ଦେଇଥିବେ ତେବେ ସେ ସମୟରେ ଆଁ ହଜ୍‌ରତ୍ ସ:ଆ:ସ ତା ଉପରେ ଅଗଣତି ଦୟାମଧ୍ୟ ଓ ସଦ୍‌ବ୍ୟବହାର ମଧ୍ୟ କରିଥିଲେ । ସେ ଯାହାହେଉ ଏହା ଏକ ଦୟାର ବ୍ୟବହାର ଥିଲା, ଯାହାକୁ ମୋ ମତରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ର:ଅ ଯିଏ ତାଙ୍କ ପୁଅ ଥିଲେ ଓ ପ୍ରତ୍ୟେକ ମାମଲାରେ ଇସ୍‌ଲାମ୍‌କୁ ଅଗ୍ରାଧିକାର ଦେଉଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତି ଗଭୀର ପ୍ରେମଭାବ ରଖିଥିଲେ ଓ ସେ ନିଜର ଇମାନ୍‌କୁ ବଂଚାଇଥିଲେ ଓ ନିଜ ବାପାଙ୍କ ସହିତ କଠୋର ବ୍ୟବହାର ମଧ୍ୟ କରିଥିଲେ । ତେଣୁ ସେଥି ସକାଶେ ତା ପିଲାର ମନକୁ ରଖିବା ପାଇଁ ବା ତା ଇଛା ମନସ୍କାମନା ଯୋଗୁ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଏହି କମିଜ୍‌ଟିକୁ ବାହାର କରି ଦେଇଥିଲେ ।

ଏଥି ସମ୍ବନ୍ଧରେ ହଜରତ ଉମର ବିନ୍ ଖିତାବ୍ ବର୍ଣ୍ଣନା କରନ୍ତି ଯେତେବେଳେ ଅବଦୁଲ୍ଲା ବିନ୍ ଉବୈ ବିନ୍ ସୁଲୁଲ୍‌ଙ୍କ ଦେହାନ୍ତ ଘଟିଲା ସେତେବେଳେ ଆପଣଙ୍କୁ ତାହାର ନମାଜ ଜାନାଯାଃ ପଢାଇବାକୁ ନିବେଦନ କରାଗଲା । (ଏହି ରିୱାୟତ୍‌ଟିକୁ ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟକ୍ଷ ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି) ମୁଁ ହଜୁର ସ.ଆଙ୍କୁ ତାହାର ଜନାଯାଃ ପଢାଇବା ପାଇଁ ଛିଡ଼ା ହେବା ଦେଖି ଆପଣଙ୍କ ନିକଟକୁ ଦୌଡ଼ିଗଲି ଏବଂ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଆପଣ ଇବନେ୍ ଉବୈ ଜନାଯାଃ ପଢାଉଛନ୍ତି ଯେ ଅମକ ଦିନ (ଆପଣଙ୍କ ସମ୍ବନ୍ଧରେ) ଏପରି ଅପପ୍ରଚାର କରିଥିଲା ଏବଂ ଅମକ ଦିନ ଏପରି ଏପରି କଥା କହିଥିଲା । ହଜୁର ସ.ଅ ହସିଲେ ଏବଂ କହିଲେ ହେ ଉମର ! ବାଟ ଛାଡ଼ । ଯେତେବେଳେ ମୁଁ ସେହି କଥା ବାରମ୍ବାର କହିଲି ସେତେବେଳେ ଆପଣ କହିଲେ ମୋତେ ଏ ଅଧିକାର ଦିଆଯାଇଛି ଏବଂ ଯଦି ମୁଁ ଜାଣିବାକୁ ପାଏ କି ମୁଁ ୭୦ଥରରୁ ଅଧିକ କ୍ଷମା ଯାଚନା କଲେ ସେ ମୁକ୍ତି ଲାଭ କରିବ ତେବେ ମୁଁ ନିଶ୍ଚିତ ରୂପେ ତା'ଠାରୁ ଅଧିକ ଥର କ୍ଷମା ଯାଚନା କରିବି । ହଜ୍‌ରତ୍ ଉମର୍ ର:ଅ କହୁଛନ୍ତି ସୁତରାଂ ରସୁଲୁଲ୍ଲାଃ ସ:ଆ:ସ ତାହାର ନମାଜ ଯନାଜାଃ ପଢ଼ାଇଲେ । ଅତଃ ହଜୁର ସ.ଅ ତାଙ୍କ ନମାଜ ଜନାଯାଃ ପଢାଇ ଫେରି ଆସିଲେ ଏବଂ କିଛି ସମୟ ଅତିବାହିତ ହୋଇଥିବ କି ସୁରଃ ବରାଆ ଅର୍ଥାତ ସୁରଃ ତୌବାର ଏହି ଦୁଇଗୋଟି ଆୟତ ଅବତୀର୍ଣ୍ଣ ହେଲା ଅର୍ଥାତ୍ **ୱଲା ତୁସଲ୍ଲି ଅଲା ଅହଦିମ୍ ମିନ୍‌ହୁମ୍ ମାତା ଅବଦଉଁ ୱଲା ତକୁମ୍ ଅଲା କବ୍‌ରିହି । ଇନ୍ନହୁମ୍ କଫରୁ ବିଲ୍ଲାହି ୱରସୁଲିହି ୱମାତୁ ୱହୁମ୍ ଫାସିକୁନ୍** (ତୌବା:୮୪) ଅର୍ଥାତ ତୁମେ ସେମାନଙ୍କ ମଧ୍ୟରୁ କାହାରି ହେଲେ ନମାଜ ଜାନାଯାଃ ପାଠ କର ନାହିଁ ଏବଂ ନା ସେମାନଙ୍କ କବର ସମ୍ମୁଖରେ ଛିଡ଼ା ହୁଅ । କାରଣ ସେମାନେ ଅଲ୍ଲାଃ ଓ ରସୁଲଙ୍କର ଅସ୍ୱୀକାର କରିଛନ୍ତି ଏବଂ ଏଭଳି ଅବସ୍ଥାରେ ମୃତ୍ୟୁ ବରଣ କଲେ କି ସେମାନେ ପ୍ରତିଶୃତି ଭଙ୍ଗକାରୀ ଥିଲେ । ହଜ୍‌ରତ୍ ଉମର୍ ର:ଅ କହୁଥିଲେ ଯେ ଏହାପରେ ମୁଁ ନିଜର ଦୁଃସାହସ ପାଇଁ ପଶ୍ଚାତାପ କଲି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମୁଖରେ ଏକଥା କହିବା ପାଇଁ କିପରି ସାହସ ଦେଖାଇଲି, ଯାହାକୁ ମୁଁ ସେହିଦିନ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ଦେଖାଇଥିଲି । ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ ସ:ଆ:ସ ଏ ବିଷୟରେ ଖୁବ୍ ଜାଣିଛନ୍ତି । (ବୁଖାରି କିତାବୁଲ୍ ଜନାଇଜ୍....ହଦିସ୍ ୧୩୬୬)

ଏହା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ର:ଅଙ୍କ ସମ୍ବନ୍ଧରେ ଯେଉଁ କଥା ଚାଲିଥିଲା ସେହି ଘଟଣାଟି ଏବେ ଶେଷ ହେଲା । ଆସନ୍ତାକୁ ଅନ୍ୟ ସାହାବାମାନଙ୍କ ସମ୍ବନ୍ଧରେ ଚର୍ଚ୍ଚା କରାଯିବ ।

ହଜୁର ଅନୱର ଅ.ବ କହିଲେ ବର୍ତମାନ ମୁଁ କିଛି ମୃତ ବ୍ୟକ୍ତିମାନଙ୍କ ଚର୍ଚ୍ଚା କରିବି ଏବଂ ଜୁମା ନମାଜ ପାଠ କରିବା ଅନ୍ତେ ସେମାନଙ୍କ ଜନାଯାଃ ପଢାଇବି । ପ୍ରଥମ ଜନାଯାଃ ଶ୍ରିମତୀ ଅମତୁଲ ହଫିଜ୍ ସାହେବାଃ ପତ୍ନୀ ଶ୍ରୀମାନ ମୌଲାନା ମୁହମ୍ମଦ ଉମର ସାହେବ କେରଳ ଇଣ୍ଡିଆଙ୍କର ଅଟେ । ଗତ ମାସ ୨୦ତାରିଖ ଦିନ ୭୨ବର୍ଷ ବୟସରେ ସେ ଇହଧାମ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍ ।** ତାଙ୍କ ଜନ୍ମ ୧୯୪୭ମସିହାରେ କେରଳରେ ହୋଇଥିଲା, ତାଙ୍କ ବଂଶରେ ଅହମଦିୟତ୍ ତାଙ୍କ ପଡ଼ନନା (ଅଣଅଜା) ମାଧ୍ୟରେ ଆସିଥିଲା ଯେ କେରଳର ପ୍ରାରମ୍ଭିକ ଅହମଦିମାନଙ୍କ ମଧ୍ୟରୁ ଜଣେ ଥିଲେ । ଆପଣଙ୍କୁ ଚେନେଇରେ ସେକ୍ରେଟାରୀ ମାଲ ଓ କେରଳରେ ଦିର୍ଘ ସମୟ ସଦର ଲଜନା ଭାବରେ ସେବା କରିବାର ଅବସର ମିଳିଥିଲା । ନିୟମିତ ଭାବରେ ପବିତ୍ର କୁରଆନ ଓ ତହଜୁଦ୍ ପାଠ କରିବା ତାଙ୍କର ବିଶେଷ ଗୁଣ ଥିଲା । ଲଜନା ଓ ନାସେରାତମାନଙ୍କୁ ମଧ୍ୟ କୁରଆନ ପଢାଉଥିଲେ । ସମସ୍ତ ଫର୍ଜ ଓ ନଫିଲ୍ ରୋଜା ରଖୁଥିଲେ । ନିଜ ଜୀବନର ଶେଷ ମୂହୁର୍ତ ପର୍ଯ୍ୟନ୍ତ ମୌଲବି ସାହେବଙ୍କର ଖୁବ୍ ସେବା କରିଛନ୍ତି, ଅତ୍ୟନ୍ତ ଅତିଥି ସତ୍କାରୀ ଓ ମାନବ ସେବା ମୂଳକ କାର୍ଯ୍ୟରେ ମଗ୍ନ ରହିବା ତଥା ଅତି ପୁଣ୍ୟବନ୍ତ ମହିଳା ଥିଲେ । ଖିଲାଫତ୍ ସହିତ ତାଙ୍କର ଆନ୍ତରିକ ସମ୍ପର୍କ ରହିଥିଲା । ଯେଉଁଠାରେ ମଧ୍ୟ ସେ ରହିଛନ୍ତି ମିଶନ୍ ହାଉସ୍‌କୁ ଆସୁଥିବା ଲୋକମାନଙ୍କ ସହିତ ବହୁତ ନିଷ୍ଠାଭାବର ସମ୍ପର୍କ ରଖିଥିଲେ । ବହୁତ ନିଷ୍ଠାର ସହିତ ସେବା କରୁଥିଲେ । ଦେହାନ୍ତ ପୂର୍ବରୁ ତାଙ୍କୁ ତିନି ଥର ହୃଦଘାତ ହୋଇଥିଲା । ତୃତୀୟ ଥର ହୃଦଘାତ ବେଳେ ସେ ମୌଲବି ସାହେବଙ୍କୁ କହିଲେ ମୋର ଅନ୍ତିମ ସମୟ ନିକଟତର, ତା'ପରେ କହିଲେ ମୋର **ସଲାମ୍** ସମସ୍ତଙ୍କୁ ପହଂଚାଇ ଦେବ । ସେଥିଅନ୍ତେ ତିନି ଥର ଉଚ୍ଚ ସ୍ୱରରେ **ଅଲ୍ଲାହୁ ଅକବର୍** କହିଲେ ଏବଂ ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଗଲେ । ସେ ମୁସି ଥିଲେ । ନିଜ ପଛରେ ଚାରି ଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସେ ମନୱର ଅହେମଦ୍ ସାହେବ୍ ନାସିର୍‌ଙ୍କ ଶାଶୁ ଥିଲେ ଯିଏ ପି.ଏସ୍ କାର୍ଯ୍ୟାଳୟ ତାମିଲ୍‌ନାଡୁରେ ସ୍ୱେଚ୍ଛାକୃତ ଭାବେ ସେବାକାର୍ଯ୍ୟ ସମ୍ପାଦନ କରୁଛନ୍ତି ।

ମୋକରମ୍ ମୌଲବୀ ମୁହମ୍ମଦ୍ ଉମର ସାହେବ୍ ଲେଖୁଛନ୍ତି ଯେ ୧୯୬୧ ମସିହାରେ ଯେତେବେଳେ ମୁଁ ମୌଲବୀ ଫାଜିଲ୍ ପରୀକ୍ଷାରେ ଉତୀର୍ଣ୍ଣ ହେଲି ସେତେବେଳେ ମୋର ପ୍ରଥମ ପୋଷ୍ଟିଂ ମଦର୍‌ସା ଅହେମଦୀୟାରେ ଶିକ୍ଷକ ଭାବେ ହେଲା । ପୁଣି ହାଇଦ୍ରାବାଦ୍‌ରେ ମୋର ପୋଷ୍ଟିଂ ହୋଇଗଲା ଓ ସେ ସମୟରେ ସେଠାରେ ଗୋଟିଏ ଦୁର୍ଘଟଣା ମଧ୍ୟ ଘଟିଲା । ୧୯୬୭ ମସିହାରେ ହାଇଦ୍ରାବାଦ୍‌ରେ ଭୀଷଣ ବର୍ଷା ବିପ୍ଳାତ ହେବା ପରେ ଜୁବ୍‌ଲି ହଲ୍‌ଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ତଳେ ପଡିଗଲା । ସେହି ହଲ୍‌ର ପ୍ରଥମ ମହଲାରେ ପ୍ରାର୍ଥନା ହଲ୍ ଓ କାର୍ଯ୍ୟାଳୟ ତିଆରି ହୋଇଥିଲା ଓ ତା'ର ଦ୍ୱିତୀୟ ମହଲାଟି ଲଜ୍‌ନା ଇମାଇଲ୍ଲାଃଙ୍କ ପାଇଁ ବିଶେଷ ରୂପେ ସଂରକ୍ଷଣ ଥିଲା ଓ ତୃତୀୟ ମହଲାରେ ମିଶନ୍ ହାଉସ୍ ଅବସ୍ଥିତ ଥିଲା । ସେ କହୁଛନ୍ତି ସେ ସମୟରେ ଏ ଅଧମ ସେଠାରେ ଉପସ୍ଥିତ ନଥିଲା । ଯେତେବେଳେ ଦ୍ୱିପ୍ରହର ସମୟରେ ମୁଁ ମିଶନ୍ ହାଉସ୍‌ଠାରେ ପହଂଚିଲି ସେତେବେଳେ ଏହା ଦେଖି ମୁ ଆଶ୍ଚର୍ଯ୍ୟ ହୋଇଗଲି ଯେ ସମ୍ପୂର୍ଣ୍ଣ ଅଟ୍ଟାଳିକାଟି ଭାଙ୍ଗିପଡିଛି । କେବଳ ଗୋଟିଏ ଛୋଟିଆ କୋଣରେ ଥିବା ଅଂଶଟି ଛିଡା ହୋଇଥିଲା ଏବଂ ମୋର ପତ୍ନୀ ତିନିମାସର ଝିଅକୁ କୋଳରେ ଧରି ତୃତୀୟ ମହଲାର କୋଣରେ ନିରାଶ୍ରୟ ହୋଇ ଛିଡାହୋଇଥିଲେ । ଏହିଭଳି ପରିସ୍ଥିତିରେ ମୋ ସ୍ତ୍ରୀ ଓ ମୋ ଝିଅଙ୍କର ବଂଚିଯିବା ପ୍ରକାଶ୍ୟରେ ଅସମ୍ଭବ ଲାଗୁଥିଲା । ସେ ଯାହାହେଉ ସେ କହୁଛନ୍ତି ଯେ ସେ ଯେଉଁଠାରେ ଛିଡା ହୋଇଥିଲେ ତା ତଳଭାଗରେ ବହୁତ ଗାଡ଼ ହୋଇ ସେହି ବିଲ୍‌ଡିଙ୍ଗ୍‌ର ଅବଶେଷ ପଡିରହିଥିଲା । ସେ ତଳକୁ ଡେଇଁପାରୁନଥିଲେ । ତଳକୁ ଓହ୍ଲାଇବା ପାଇଁ କୌଣସି ମାର୍ଗ ତାଙ୍କୁ ଦେଖାଯାଉନଥିଲା । ତେଣୁ ଫାୟାର୍‌ବିଗ୍ରେଡ୍‌ଙ୍କ ତରଫରୁ ଗୋଟିଏ ନିଶୁଣି ଅଣାଗଲା କିନ୍ତୁ କାହାର ଏ ସାହସ ନଥିଲା ଯେ ସେହି ନିଶୁଣିଟିରେ ଚଢ଼ି ମାଆ ଓ ପିଲାକୁ ବଂଚାଇବେ । ସେ ସମୟରେ ଜଣେ ଫାୟାର୍‌ମ୍ୟାନ୍ ଯିଏ ବହୁତ ବୟସ୍କ ବ୍ୟକ୍ତି ଥିଲେ, ସେ କହିଲେ ଯଦି ମୋତେ ନିଜର ଜୀବନ ମଧ୍ୟ ଦେବାକୁ ପଡେ ତେବେ

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

ମଧ୍ୟ ମୁଁ ଏହି ମାଆ ଓ ପିଲାଟିକୁ ବଂଚାଇବା ପାଇଁ ଚେଷ୍ଟା କରିବି । ପୁଣି ସେହି ବୟସ୍କ ଫାୟାର୍‌ମ୍ୟାନ୍ ଜଣକ ନିଶୁଣିରେ ଚଢ଼ିଯାଇ ପ୍ରଥମେ ପିଲାଟିକୁ ଓ ତା'ପରେ ମାଆଙ୍କୁ ତଳକୁ ଓହ୍ଲାଇ ଦେଲେ । ସେ ଯାହାହେଉ ସେ କହୁଛନ୍ତି- ଏହିପରି ଚମତ୍କାରଭାବେ ଦୁଇଜଣଙ୍କର ଜୀବନ ରକ୍ଷା ହୋଇଗଲା । ସେ କହୁଛନ୍ତି ସେ ଅତ୍ୟନ୍ତ ଧୈର୍ଯ୍ୟବାନ ଥିଲେ ଓ ପ୍ରତ୍ୟେକ ସ୍ଥାନରେ ମୋତେ ସାହାଯ୍ୟ କରିଛନ୍ତି । ସେ କହୁଛନ୍ତି ଯେତେବେଳେ ମୋର ପୋଷ୍ଟିଂ କେରଳରେ ହେଲା ସେଠି କେରଳରେ ମଧ୍ୟ ସେ ପନ୍ଦର ବର୍ଷ ପର୍ଯ୍ୟନ୍ତ ସୁବାଇ (ପ୍ରାଦେଶିକ) ସଦର୍ ଲଜ୍‌ନା ଇମାଇଲ୍ଲା କେରଳ ରୂପେ ବହୁତ ସୁନ୍ଦର ଭାବେ ନିଜର ସେବା କାର୍ଯ୍ୟକୁ ସମ୍ପାଦନ କରିଛନ୍ତି । (ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି- ୨୦୦୭ ରୁ ୨୦୧୪ ପର୍ଯ୍ୟନ୍ତ ଯେତେବେଳ ଇଏ ନାଜେର୍ ଇସ୍‌ଲାହ୍ ୱ ଇର୍‌ସାଦ୍ ରୂପେ କାଦିଆନ୍‌ରେ ଥିଲେ ସେତେବେଳେ ତାଙ୍କ ପତ୍ନୀ ମଧ୍ୟ ତାଙ୍କ ସହିତ କାଦିଆନ୍‌ରେ ଥିଲେ । ସେହି ସମୟରେ ପ୍ରତ୍ୟେକ ଦିନ ବଇତୁଲ୍ ଦୁଆରେ ଯାଇ ଲମ୍ବା ଲମ୍ବା ପ୍ରାର୍ଥନା କରୁଥିଲେ । ପୁଣି ୨୦୧୫ ମସିହାରେ ତାଙ୍କୁ ଉମ୍‌ରାଃ କରିବାର ସୌଭାଗ୍ୟ ମିଳିଲା । ଉମର୍ ସାହେବ୍ ଲେଖୁଛନ୍ତି ଯେ ପ୍ରତ୍ୟହ ଫଜର୍ ନମାଜ ପାଠ କରିବା ପରେ ସେ ପବିତ୍ର କୋରାନ୍ ଆବୃତି କରୁଥିଲେ । ହଦିସ୍ ଅଧ୍ୟୟନ କରୁଥିଲେ । ଏହା ତାଙ୍କର ନିତିଦିନିଆ କାର୍ଯ୍ୟ ଥିଲା ଓ ଯେଉଁଦିନ ତାଙ୍କର ଦେହାନ୍ତ ହେଲା ସେହିଦିନ ମଧ୍ୟ ଏ କାର୍ଯ୍ୟ କରିବା ପାଇଁ ଈଶ୍ୱର ତାଙ୍କୁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକଗୁଡିକୁ ଅଧ୍ୟୟନ କରିବାପାଇଁ ସେ ସଉକ୍ ରଖିଥିଲେ । ଏତଦ୍‌ବ୍ୟତୀତ ସାଧାରଣ ଜ୍ଞାନ ହାସଲ କରିବା ପାଇଁ ମଧ୍ୟ ତାଙ୍କ ବହୁତ ଆଗ୍ରହ ଥିଲା । ଏବଂ ଏହା ଜଣେ ମୁରବୀଙ୍କ ସ୍ତ୍ରୀ ର ବିଶେଷ ଗୁଣ ହେବା ଉଚିତ୍ ଯାହାସବୁ ଈଶ୍ୱରଙ୍କ କୃପାରୁ ତାଙ୍କ ନିକଟରେ ମହଜୁଦ୍ ଥିଲା । ମୁରବୀ ଏବଂ ୱହ୍‌ଦାଦାର୍‌ମାନଙ୍କ ବଡ ସ୍ଥାନ ଓ ପଦମର୍ଯ୍ୟାଦାକୁ ବୁଝିସୁଝି ସେମାନଙ୍କର ସମ୍ମାନ କରୁଥିବା ମହିଳାଥିଲେ । ଅତିଥିମାନଙ୍କର ଅତିଥି ସତ୍କାରରେ କୌଣସି ପ୍ରକାରର ଅଭାବ ରଖୁନଥିଲେ । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରି ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କ ଦୁଆର ଉତରାଧିକାରୀ କରାନ୍ତୁ ।

ଦ୍ୱିତୀୟ ଜନାଯାଃ ଶ୍ରୀମାନ ଚୌଧରୀ ମୁହମ୍ମଦ ଇବ୍ରାହିମ ସାହେବଙ୍କର ଅଟେ ଯେ ମାସିକ ଅନସାରୁଲ୍ଲାଃ ପାକିସ୍ତାନ୍ ପତ୍ରିକାର ପୂର୍ବତନ ମ୍ୟାନେଜର ଓ ପ୍ରକାଶକ ଥିଲେ । ଅକ୍ଟୋବର ୧୬ ତାରିଖ ଦିନ ୮୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଲା **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍** । ୧୯୫୭ ମସିହାରେ ତାଙ୍କର ପୋଷ୍ଟିଂ ସେକ୍ରେଟାରୀ ଅନ୍‌ସାରୁଲ୍ଲାଃ ମର୍କଜିୟା ପାକିସ୍ତାନ୍ ରବ୍‌ୱାରେ ହେଲା । ୧୯୬୦ ମସିହାରେ ଯେତେବେଳେ ମାସିକ ପତ୍ରିକା ଅନ୍‌ସାରୁଲ୍ଲାଃର ଶୁଭାରମ୍ଭ ହେଲା ସେତେବେଳେ ତାଙ୍କୁ ଏହି ପତ୍ରିକାର ମ୍ୟାନେଜର୍ ଏବଂ ପ୍ରକାଶକ ରୂପେ ନିୟୋଜିତ କରାଯାଇଥିଲା । ସେ ୨୦୦୪ ମସିହା ପର୍ଯ୍ୟନ୍ତ ବହୁତ ସୁନ୍ଦର ଭାବେ ଏ କାର୍ଯ୍ୟକୁ ସମ୍ପାଦନ କରିଛନ୍ତି । ଅନ୍‌ସାରୁଲ୍ଲାଃ ପାକିସ୍ତାନ୍‌ରେ ତାଙ୍କୁ ଅଫିସ୍ ସୁପରିଟେଂଡେଂଟ୍, ନାଏବ୍ କାଏଦ୍ ଉମୁମି, ଏବଂ ସେକ୍ରେଟାରୀ ସଦର୍ ମଜ୍‌ଲିସ୍ ରୂପେ ସେବା କରିବାର ସୌଭାଗ୍ୟ ମିଳିଛି । ୨୦୦୩ ମସିହାରେ ଏକ ମୁକଦ୍ଦମାରେ ତାଙ୍କୁ ଜଣେ ପ୍ରକାଶକର ମାନ୍ୟତା ମିଳିଥିଲା । ତା'ପରେ ସେ ମୋ ଅନୁମତିକ୍ରମେ ଲଣ୍ଡନ ଚାଲିଆସିଥିଲେ । ଏଠାରେ ଆସି ମଧ୍ୟ ସେ ଉଣାଅଧିକେ ଅନ୍‌ସାରୁଲ୍ଲାଃରେ ୯ ବର୍ଷ ପର୍ଯ୍ୟନ୍ତ ସେବାକାର୍ଯ୍ୟ କରିବାର ସୌଭାଗ୍ୟ ପାଇଛନ୍ତି ଏବଂ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲାର ସଦସ୍ୟ ମଧ୍ୟ ରହିଛନ୍ତି । ସେ ମୁସି ଥିଲେ ଦେହାନ୍ତ ପୂର୍ବରୁ ସେ ରବ୍‌ୱା ଫେରି ଯାଇଥିଲେ ଏବଂ ସେହିଠାରେ ସେ ଇହଲୋକରୁ ବିଦାୟ ନେଲେ । ସେ ନିଜ ପଛରେ ଗୋଟିଏ କନ୍ୟା ଓ ପାଂଚଟି ପୁତ୍ର ତଥା ଅନେକ ନାତିନାତୁଣୀ ଛାଡ଼ିଯାଇଛନ୍ତି । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ତାଙ୍କ ପୁଣ୍ୟକର୍ମକୁ ଅବ୍ୟାହତ ରଖିବାକୁ ତଥା ଜମାଅତ ଓ ଖିଲାଫତ୍ ସହ ସମ୍ପର୍କ ମଜବୁତ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ପାକିସ୍ତାନ୍‌ରେ ଯେତେବେଳେ ସେ ଅନ୍‌ସାରୁଲ୍ଲାଃ ପତ୍ରିକାର ମ୍ୟାନେଜର୍ ଥିଲେ ସେତେବେଳେ ତାଙ୍କ ଉପରେ ପ୍ରତ୍ୟେକ କଥାରେ ମୋକଦ୍ଦମା ଲଗାଯାଉଥିଲା । ଉଣାଅଧିକେ ୨୬ଟି ମୋକଦ୍ଦମା ହୋଇଥିଲା ଓ ଏକମାସ ପର୍ଯ୍ୟନ୍ତ ସେ ଅଲ୍ଲାଃତାଲାଙ୍କ ମାର୍ଗରେ ବନ୍ଦି ହୋଇ ମଧ୍ୟ ରହିଛନ୍ତି ।

ତୃତୀୟ ଜନାଯାଃ ଶ୍ରୀମାନ ରାଜା ମସଉଦ୍ ଅହମଦ ସାହେବ ପୁତ୍ର ଶ୍ରୀମାନ ରାଜା ମୁହମ୍ମଦ ନୱାଜ୍ ସାହେବ (ମୃତ) ପିଣ୍ଡ୍ ଦାଦନଖାନ୍ ନିବାସୀ ଥିଲେ । ୧୯ ଅକ୍ଟୋବର ଦିନ ଦୀର୍ଘ ଦିନ ରୋଗ ଶଯ୍ୟାରେ ପଡ଼ିବା ପରେ ୬୯ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍** । ତାଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ବାପାଙ୍କ ଜରିଆରେ ଆସିଥିଲା । ରାଜା ମୁହମ୍ମଦ୍ ଅଲୀ ସାହେବ୍ ସେ ସମୟରେ ୧୯୪୩-୪୪ ନାଜର୍ ବଇତୁଲ୍ ମାଆଲ୍ ରୂପେ କାର୍ଯ୍ୟ କରୁଥିଲେ । ତାଙ୍କ ସହିତ ତାଙ୍କ ବାପାଙ୍କର ସମ୍ପର୍କ ଥିଲା । ସେ ତାଙ୍କୁ କାଦିଆନ୍ ଜଲ୍‌ସାକୁ ନେଇଗଲେ ଓ ସେଠାରେ ସେ ବୟତ୍ କରିନେଲେ ଓ ବୟତ୍ ମଧ୍ୟ କେବଳ ଏମିତି ଯେ କୌଣସି ପ୍ରକାର ପ୍ରମାଣ ଓ ଦଲିଲ୍ ନୁହେଁ ବରଂ ଗୋଟିଏ ଘଟଣା ଘଟିଲା ଅର୍ଥାତ୍ ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅ ଜଲ୍‌ସାରେ ତକ୍‌ରିର୍ କରୁଥିଲେ । କହୁଛନ୍ତି ଯେ ସେ ସମୟରେ ମୁଁ ଏକଥା ଦେଖିବାକୁ ପାଇଲି ଯେ ଜଣେ ସୁନ୍ଦର ଯୁବକ ଗୋଟିଏ ଅସନା ପିଲାଟିକୁ ନିଜ କୋଳରେ ଉଠାଇ ଆସୁଛନ୍ତି ଓ ପିଲାଟିର ନାକରୁ ଯେଉଁ ସିଂଗାଣି ବହୁଥିଲା ସେ ନିଜ ପକେଟ୍‌ରୁ ରୁମାଲ୍ ବାହାର କଲେ ଓ ତା ନାକ ସଫା କରିଦେଲେ ଏବଂ ପଛରେ ଛିଡା ହୋଇ ରହିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଭାଷଣ ଦେବାରେ ଲାଗିଥିଲେ । ଅଳ୍ପ ସମୟ ପରେ ଯେବେ ସେହି ପିଲାଟି କାନ୍ଦିବାକୁ ଲାଗିଲା ସେତେବେଳେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ପଛକୁ ବୁଲି ଚାହିଁଲେ ଓ ଏ ଘୋଷଣା କଲେ ଯେ କାହା ପିଲା ବୋଧହୁଏ ହଜିଯାଇଛି । ତେଣୁ ତାର ବାପା ମଆ ଆସି ତାକୁ ନେଇଯାଆନ୍ତୁ । ସେ ଯାହାହେଉ, ସେ କହୁଛନ୍ତି ଯେ ଯେତେବେଳେ ମୁଁ ଏକଥା ଜାଣିବାକୁ ପାଇଲି ଯେ ସେହି ସଫାସୁତରା ବସ୍ତ୍ର ପରିଧାନ କରିଥିବା ନବ ଯୁବକ ଜଣକ ଯିଏ ସେହି ଅସନା ପିଲାଟିକୁ ଧରି ନେଇ ଆସିଥିଲେ ସେ ହେଉଛନ୍ତି ହଜ୍‌ରତ୍ ମିର୍ଜା ନାସିର୍ ଅହେମଦ୍ ସାହେବ୍ । ସେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ବଡ ପୁତ୍ର ଅଟନ୍ତି ଓ ସେ ସମୟରେ ବୋଧହୁଏ ସେ ଖୁଦାମୁଲ୍ ଅହେମଦୀୟାର ସଦର୍ ମଧ୍ୟ ଥିଲେ । ସେ ଯାହାହେଉ, ସେ କହୁଛନ୍ତି ଯେ ଏକଥା ମୋତେ ଏତେ ପ୍ରଭାବିତ କଲା ଯେ ବାକି ସବୁ କଥାକୁ ମୁଁ ପଛରେ ପକାଇଦେଲି । ଯେଉଁ ଦୃଷ୍ଟାନ୍ତ ଆଜି ମୁଁ ଏଠାରେ ଦେଖିଲି କେବଳ ତାହାପାଇଁ ହିଁ ମୁଁ ବୟତ୍ କରୁଅଛି । ହଜୁର୍ ଅନୁୱର୍ କହୁଛନ୍ତି ସୁତରାଂ ଜଲ୍‌ସାକୁ ଆସୁଥିବା କେତେକ ଲୋକେ ସର୍ବଦା ଏହି ନମୁନାକୁ ଦେଖି ବୟତ କରି ଅହେମଦୀୟା ସମ୍ପ୍ରଦାୟରେ ସାମିଲ୍ ହେଉଛନ୍ତି ।

ରାଜା ସାହେବ ୧୯୯୧ମସିହାରେ ଇଂଲଣ୍ଡ ଆସିଥିଲେ ଏବଂ ସେଠାରେ କେଟଫୋର୍ଡ୍ ଜମାଅତର ପ୍ରଥମ ସଦର ନିଯୁକ୍ତ ହୋଇଥିଲେ ଏବଂ ନିଜ ଘରଟିକୁ ମଧ୍ୟ ଜମାତ୍‌ର ସେଂଟର୍ ରୂପେ ବ୍ୟବହାର କରୁଥିଲେ । ଏଥିସହିତ କାଏଦ, ଉମୁମି ଅନସାରୁଲ୍ଲାଃ, ଆଡିସିନାଲ୍ ସେକ୍ରେଟାରୀ ଓସାୟା ଓ ନ୍ୟାସନାଲ ସେକ୍ରେଟାରୀ ଓସାୟା ଆଦି ସେବା କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଯେତେବେଳେ ମୁଁ ଓସିୟତ୍‌ର ବ୍ୟବସ୍ଥାକୁ ସୁଦୃଢ କରିବାର ନିର୍ଦ୍ଦେଶ ଦେଲି ସେତେବେଳେ ସେ ବେଶ୍ ପରିଶ୍ରମ କରି ଅଲ୍ଲାଃଙ୍କ କୃପାରୁ ଉକ୍ତ ବ୍ୟବସ୍ଥାକୁ ସେ ବେଶ୍ ସୁଦୃଢ ଓ ସୁବ୍ୟବସ୍ଥିତ କରିଥିଲେ । ଖିଲାଫତ୍ ସହ ତାଙ୍କର ବେଶ ମଜବୁତ୍ ସମ୍ପର୍କ ରହିଥିଲା । ଜମାଅତର କର୍ମକର୍ତାମାନଙ୍କରୁ ସମ୍ମାନ ମଧ୍ୟ ପ୍ରଦାନ କରୁଥିଲେ । ନମାଜୀ, ତହଜୁଦ୍ ପାଠକାରୀ, ମୁକ୍ତ ହସ୍ତରେ ଚାନ୍ଦା ଦେବା ତଥା ଦାନ ଖଇରାତ୍ କରିବା, ଆଭାବିମାନଙ୍କ ସାହାଯ୍ୟ କରିବା ଏବଂ ମେଳାପି ଆଦି ସୁଗୁଣର ସେ ଅଧିକାରୀ ଥିଲେ । ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ ଏବଂ ପତ୍ନୀଙ୍କ ବ୍ୟତୀତ ଗୋଟିଏ ପୁତ୍ରି ଓ ଦୁଇ ଜଣ ପୁତ୍ର ସନ୍ତାନ ଛାଡ଼ିଯାଇଛନ୍ତି । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ପରବାସ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ । ମୋ ସହିତ କଲେଜ୍ ପଢ଼ିବା ସମୟରେ ମୋ କ୍ଲାସ୍‌ରେ ତ ନଥିଲେ । ତାଙ୍କ ବିଷୟବସ୍ତୁ ଭିନ୍ନ ଥିଲା । କିନ୍ତୁ ସେ ମୋ ପଢ଼ିବା ବେଳେ କଲେଜ୍‌ରେ ଅଧ୍ୟୟନ କରୁଥିଲେ । ସେହିପରି ତାଙ୍କ ସହିତ ସେଠାର ପରିଚିତ ଥିଲି । ଏ ଦୃଷ୍ଟିକୋଣରୁ ଆମେ କହିପାରିବୁ ଯେ ଆମେ କଲେଜ୍‌ରେ ଗୋଟିଏ କ୍ଲାସ୍‌ରେ ଏକାଠି ପଢୁଥିଲୁ । ଗୋଟିଏ ଉର୍ଦ୍ଦୁ କ୍ଲାସ୍ ଥିଲା । ତାହା ଏକାଠି ହେଉଥିଲା । ସେ ଯାହାହେଉ ଆମେ ସେହି କ୍ଲାସ୍‌ରେ ଏକାଠି ବସୁଥିଲୁ । ସେତେବେଳେ ମଧ୍ୟ ମୁଁ ଦେଖିବାକୁ ପାଇଛି ଯେ ସେ ବହୁତ ଭଲଗୁଣର ଅଧିକାରୀ ଥିଲେ ଓ ନିଜ କାମରେ ତାଙ୍କର ଧ୍ୟାନ ଥିଲା ନା କୌଣସି ଦୁଷ୍ଟାମୀ । ଯେ ମିତି ପୁଅପିଲାମାନେ ଦୁଷ୍ଟାମୀ କରିଥାନ୍ତି ଏବଂ ନା ସେ କୌଣସି ପ୍ରକାର ବିଶୃଙ୍ଖଳା କାର୍ଯ୍ୟ କରୁଥିଲେ । ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚର ଉଚ୍ଚତର କରନ୍ତୁ ।

ଅଲ୍ଲା ବଖ୍‌ଶ ସାଦିକ୍ ସାହେବ୍ ୱକିଲୁଲ୍ ତାଲିମ୍ ରବ୍‌ୱା ତାଙ୍କ ବିଷୟରେ ଲେଖୁଛନ୍ତି ଯେ ସେ ବହୁତ ସାହସୀ ଅହେମଦୀ ଥିଲେ । ଝେଲମ୍ ସହରର ମସ୍‌ଜିଦ୍‌ଟି ବହୁତ ପୁରୁଣା ହୋଇଯାଇଥିଲା । ତା'ର ଛାତଟି ତଳକୁ ଥିଲା । ତାହାର କୋଠରୀ ଗୁଡିକର ଚଟାଣ କେଉଁଠି ତଳୁଆ ତ କେଉଁଟି ଉଚ୍ଚା ଥିଲା । ୮୪ ମସିହା ପରେ ପରିସ୍ଥିତି ଠିକ୍ ନଥିଲା । ସେହି କାନୁନ୍ ପରେ ଜମାତ୍‌ର ମସ୍‌ଜିଦ୍ ମଧ୍ୟ ନିର୍ମାଣ କରାଯାଇପାରୁନଥିଲା ଓ ତାର ମରାମତି କାର୍ଯ୍ୟ ମଧ୍ୟ କରାଯାଇପାରୁନଥିଲା । କିନ୍ତୁ ରାଜା ସାହେବ୍ ବହୁତ ସାହସ ଦେଖାଇ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟ ନିଜ ଦାୟିତ୍ୱରେ ନେଲେ । ଓ ବହୁତ ବୁଦ୍ଧିମତାର ସହିତ ଅମୀର୍ ସାହେବଙ୍କ ପରାମର୍ଶ ଯୋଗେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କଲେ ଏବଂ ସଡକପଟେ ରହିଥିବା କାନ୍ଥକୁ ହାତ ନମାରି ନକ୍‌ସା ମୁତାବକ ହଲ୍ ଭିତରେ ଖୁଂଟି ନିର୍ମାଣ କଲେ ଓ ପୁଣି ବହୁତ ବୁଦ୍ଧିମତାର ସହିତ ତା ଉପରେ ଛାତ ଢ଼ଳେଇ ପକାଇଲେ । ଏହିପରି ସେ ନିଜେ ମଧ୍ୟ ବହୁତ କୁର୍ବାନୀ ଦେଇଛନ୍ତି । ମାଲି କୁର୍ବାନୀ, ସମୟର କୁର୍ବାନୀ ମଧ୍ୟ ଦେଇଛନ୍ତି । ଲୋକମାନଙ୍କୁ ମଧ୍ୟ ଉତ୍ସାହିତ କରିଛନ୍ତି । ସୁତରାଂ ଏହିପରି ସେ ମସ୍‌ଜିଦ୍‌ଟିକୁ ସମ୍ପୂର୍ଣ୍ଣ ରୂପେ ନୂଆକରି ପରିବର୍ତନ କରିଦେଲେ । ଓ ସେଥିରେ ଛାତ ପକାଇ କୋଠରୀରେ ଥିବା ପୁରୁଣା କାନ୍ଥଗୁଡିକୁ ବାହାର କରିଦେଲେ । ଏବେ ଖୁଦାତାଲାଙ୍କ କୃପାରୁ ମସ୍‌ଜିଦ୍‌ର ଉପରେ ଓ ତଳେ ଦୁଇଟି ହଲ୍ ପ୍ରସ୍ତୁତ ହୋଇଯାଇଛି ।

ଚତୁର୍ଥ ଜନାଯାଃ ଶ୍ରୀମତି ସାଲେହା ଅନୱର ଅବଡୁ ସାହିବାଙ୍କର ଅଟେ ଯେ ଅନୱର ଅଲୀ ଅବଡୁ ସାହେବ (ମୃତ) ସିନ୍ଧ ନିବାସୀଙ୍କର ପତ୍ନୀ ଥିଲେ । ଅକ୍ଟୋବର ୧ ତାରିଖରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍** । ସେ ଅତ୍ୟନ୍ତ ନିର୍ଭୟା ଏବଂ ସାହସୀ ଥିଲେ । ଉପାସନାକାରୀ ଏବଂ ଅଲ୍ଲାଃ ଓ ସୃଷ୍ଟିର କର୍ତବ୍ୟ ସମ୍ପାଦନକାରୀ ମହିଳା ଥିଲେ । ବାଲ୍ୟକାଳରୁ ନିୟମିତ ନମାଜ, ରୋଜା ରଖିବା ତଥା ଚାନ୍ଦା ପ୍ରଦାନକାରୀ ମହିଳା ଥିଲେ । ଖିଲାଫତ୍ ସହ ଅତି ନିଷ୍ଠାପର ସମ୍ପର୍କ ଥିଲା । ତାଙ୍କ ବାପା ଇରାନ୍‌ରୁ ରିଟାର୍ଡମେଂଟ୍ ନେଇ ଯେତେବେଳେ ନୱାବ୍ ଶାହ୍‌ରେ ଆସି ବସବାସ କଲେ ସେତେବେଳେ ତାଙ୍କୁ ଯେଉଁ ମାମୁଲି ପକେଟ୍ ଖର୍ଚ୍ଚ ମିଳୁଥିଲା ସେ ସେଥି ମଧ୍ୟରୁ ଚାନ୍ଦା ଦେଉଥିଲେ । ଏକଦା ଲଜ୍‌ନାର ଜଣେ ମର୍କଜି ୱହ୍‌ଦାଦାର୍ ସେଠାକୁ ଯାଇଥିଲେ ଓ ଇଜ୍‌ଲାସ୍‌ରେ ଛିଡା ହୋଇ ସମସ୍ତ ଲଜ୍‌ନାମାନଙ୍କୁ ଏକଥା ବତାଇଲେ ଯେ ସମଗ୍ର ନୱାବ୍ ଶାହ୍ ଲଜ୍‌ନାମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ଚାନ୍ଦା ଏହି ଝିଅପିଲାଙ୍କ ଠାରୁ ପ୍ରାପ୍ତ ହେଉଅଛି ଓ ଏ ଘଟଣା ତାଙ୍କ ବିବାହ ପୂର୍ବର ଘଟଣା ଥିଲା । ତାଙ୍କ ପୁତ୍ରି ଶ୍ରୀମତି ତାହେରା ମୋମିନ୍ କୁହନ୍ତି ବିବାହ ଅନ୍ତେ ଅଲ୍ଲାଃ ଯେଉଳି କୃପା ବର୍ଷଣ କରିଥିଲେ ସେହିପରି ତାଙ୍କୁ ପ୍ରଶସ୍ତ ହୃଦୟ ମଧ୍ୟ ପ୍ରଦାନ କରିଥିଲେ । ଅଭାବିମାନଙ୍କ ସାହାଯ୍ୟ କରିବା, ନମ୍ର ଓ ବିନମ୍ର ସ୍ୱଭାବର ସେ ମାଲିକ ଥିଲେ ତଥା ଚାନ୍ଦାର ପ୍ରତ୍ୟେକ ପାଣ୍ଠିରେ ଯୋଗଦାନକାରୀ ଥିଲେ । ସମସ୍ତଙ୍କ ଠାରୁ ଅଧିକା ୱାଦା ଲେଖାଉଥିଲେ । ସେ ବହୁ ସମୟ ପର୍ଯ୍ୟନ୍ତ ଜିଲ୍ଲା ଲାଡ୍‌କାନାର ସଦର୍ ଲଜ୍‌ନା ରୂପେ ରହିଛନ୍ତି । ଯେବେ ମଧ୍ୟ ସେ ଦୌରା କରନ୍ତି ସେତେବେଳେ ସେ ଚାନ୍ଦା ଦେବାପାଇଁ ତେହ୍‌ରିକ୍ (ପ୍ରୋତ୍ସାହିତ) କରନ୍ତି । ଏହା ଫଳରେ ବହୁତ ଭଲ ପ୍ରତିକ୍ରିୟା ମିଳିଥାଏ, କାରଣ ତାଙ୍କର ନିଜର ନମୁନା ଅତ୍ୟନ୍ତ ପୁଣ୍ୟ ନମୁନା ଥିଲା । ସେ ବହୁତ ସାହସୀ ଓ ଧର୍ମ ବିଶ୍ୱାସୀ ମହିଳାଥିଲେ । ସେ ସିନ୍ଧ୍‌ର ସେ ସମୟର ଅଣ ସଂସ୍କୃତି ସମ୍ପନ୍ନ ପରିବେଶରେ ବିବାହ ହୋଇ ଯାଇଥିଲେ । ତେଣୁ ସେ ବିଲ୍‌କୁଲ୍ ସିନ୍ଧି ଖାନ୍‌ଦାନ୍‌ର ପ୍ରଥାଠାରୁ ବହୁତ ଦୂରରେ ରହି ସାମାଜିକ ଜୀବନ ଅତିବାହିତ କରିଛନ୍ତି ଓ ପ୍ରତ୍ୟେକଙ୍କ ସହିତ ସୁ ସମ୍ପର୍କ ମଧ୍ୟ ରଖିଥିଲେ । ବହୁତ ସହୃଦୟତାର ସହିତ ନିଜ ନିକଟ ସମ୍ପର୍କୀୟମାନଙ୍କ ସହିତ ସୁ ସମ୍ପର୍କ ସ୍ଥାପନ କରିଥିଲେ । ସେହିପରି ଶ୍ୱସୁର ଘରର ଜ୍ଞାତି କୁଟୁମ୍ବମାନଙ୍କ ସହିତ ଅତ୍ୟନ୍ତ ସୁସମ୍ପର୍କ ନିର୍ବାହ କରିଛନ୍ତି । ତାଙ୍କ ଝିଅ ଲେଖୁଛନ୍ତି ଯେ ଏବେ ମଧ୍ୟ ଲଜ୍‌ନାର ସଦସ୍ୟମାନେ ଯେଉଁଠାରେ ମଧ୍ୟ ଥାଆନ୍ତୁ ନା କାହିଁକି ତାଙ୍କୁ ବହୁତ ମନେ ପକାଉଛନ୍ତି । ଆମେ ଯେତେବେଳେ କୌଣସି ଅସୁବିଧାରେ ପଡୁ ଏବଂ ତାଙ୍କୁ ସେଥିସମ୍ବନ୍ଧରେ ଅବଗତ କରାଉ ସେତେବେଳେ ସେ ଆମକୁ ନମାଜ ପଢିବା ଓ ଦୁଆ କରିବା ପାଇଁ ଉପଦେଶ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ଆମେ ତ ଆପଣଙ୍କ ଡ଼ାହଣ ପାର୍ଶ୍ୱରେ ଲଢ଼ିବୁ ଓ ବାମ ପାର୍ଶ୍ୱରେ ମଧ୍ୟ ଏବଂ ଆପଣଙ୍କ ସମ୍ମୁଖରେ ଲଢ଼ିବୁ ଓ ପଛ ପାର୍ଶ୍ୱରେ ମଧ୍ୟ ।**

**ବଦର୍ ଯୁଦ୍ଧ ସମୟରେ ଅଲ୍ଲାଃଙ୍କ. ମାର୍ଗରେ ଯୁଦ୍ଧ କରିଥିବା ସର୍ବପ୍ରଥମ ଘୋଡ଼ାଚାଳକ ହେବାର ସୌଭାଗ୍ୟ ଆପଣ ର:ଅଙ୍କୁ ପ୍ରାପ୍ତ ହୋଇଥିଲା ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍‌ରୀ ସାହାବି, ରସୁଲେ କରିମ୍ ସ:ଆ:ସଙ୍କ ତୀର ଚାଳକ ହଜରତ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ର:ଅଙ୍କ ପବିତ୍ର ଜୀବନଚରିତର ବର୍ଣ୍ଣନା ।**

**କୌଣସି ପ୍ରକାରର ପରୀକ୍ଷା ଓ କଷ୍ଟ ଉଠାଇବା ପାଇଁ ପ୍ରାର୍ଥନା କରିବା ଉଚିତ ନୁହେଁ ଓ ନା ଏହାର ଇଛା ରଖିବା ଉଚିତ କିନ୍ତୁ ଯଦି ପରୀକ୍ଷା ଆସିଯାଏ ତେବେ ପୁଣି ଧୈର୍ଯ୍ୟ ଦେଖାଇବା ଉଚିତ ।**

**ଆମର ସବୁ ଅଫିସରମାନଙ୍କୁ ମଧ୍ୟ ସର୍ବଦା ଏକଥା ମନେ ରଖିବା ଉଚିତ ଯେ, ପ୍ରଥମତଃ ଇଛା ରଖିବା ଉଚିତ ନୁହେଁ ଓ ଯେବେ ଅଫିସର ବନାଇ ଦିଆଯାଏ, ଉଚ୍ଚ ପଦବୀ ଦିଆଯାଏ ତେବେ ଅଲ୍ଲାଃ ତାଲାଙ୍କ ନିକଟରେ ଏହି ପଦବୀର କୁପରିଣାମରୁ ବଂଚିବା ପାଇଁ ମଧ୍ୟ ପ୍ରାର୍ଥନା କରିବା ଉଚିତ । ଅଲ୍ଲାଃ ତାଲା କେବେ ମଧ୍ୟ ଗର୍ବ ନ ଦିଅନ୍ତୁ ସେଥିଯୋଗୁଁ ତାହାଙ୍କ କରୁଣା ଓ କୃପା ମାଗିବା ଉଚିତ ।**

**ଅଲ୍ଲାଃ ତାଲା ଆମକୁ ମଧ୍ୟ ଇସ୍‌ଲାମ୍‌ର ବାସ୍ତବିକତାକୁ ବୁଝିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆଁ ହଜରତ ସ:ଆ:ସଙ୍କ ଉମତ୍‌ରେ ରହିବାର ହକ୍‌କୁ ପ୍ରଦାନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ନିଜ ଭିତରେ ଈଶ୍ୱର ଭୟ ସୃଷ୍ଟି କରିବା ପାଇଁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୨ ନଭେମ୍ବର ୨୦୧୯ ଅନୁଯାୟୀ ୨୨ ନବୁଓ୍ୱତ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ ବଦରୀ ସାହାବୀଙ୍କ ଚର୍ଚ୍ଚାରେ ଆଜି ମୁଁ ହଜରତ ମିକଦାଦ୍ ବିନ୍ ଅସଓ୍ୱଦ୍ ଅବା ମିକଦାର୍ ବିନ୍ ଉମରୋଙ୍କର ଚର୍ଚ୍ଚା କରିବି, କିନ୍ତୁ ତାଙ୍କର ପ୍ରକୃତ ନାମ ମିକଦାର୍ ବିନ୍ ଉମରୋ ଅଟେ । ତାଙ୍କ ପିତାଙ୍କ ନାମ ଉମରୋ ବିନ୍ ସାଲବାଃ ଥିଲା । ଯଦିଚ ହଜରତ ମିକଦାର୍‌ଙ୍କୁ ଅସଓଦ୍ ବିନ୍ ୟଗୁସ୍ କହି ମଧ୍ୟ ସମ୍ବୋଧନ କରାଯାଏ । କାରଣ ଅସଓଦ୍ ବିନ୍ ୟଗୁସ୍ ତାଙ୍କୁ ଶୈଶବାସ୍ଥାରୁ ନିଜ ମୁତବନା (ପାଳିତ ପୁତ୍ର) କରିନେଇଥିଲେ । ତେଣୁ ସେ ମିକଦାର୍ ବିନ୍ ଅସଓଦ୍ ନାମରେ ସୁପରିଚିତ ହୋଇଗଲେ । (ସୁନନେ ତିରିମିଜି କିତାବୁଲ୍ ଜୁହଦ୍... ହଦିସ୍ ୨୩୯୩) (ଇବ୍‌ନେ ହୁଶାମ୍, ପୃଷ୍ଠା-୧୫୧..... ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ୨୦୦୯)

ହଜ୍‌ରତ୍ ମିକ୍‌ଦାଦ୍‌ଙ୍କ ବାପା ଅମ୍‌ରୋ ବିନ୍ ସାଲବାଙ୍କ ସମ୍ପର୍କ ବହ୍‌ରା କବିଲା ସହିତ ଥିଲା ଯାହା ୟମନ୍ ଇଲାକାର କୁଜାଆର ଗୋଟିଏ କବିଲାର ନାମ ଥିଲା । ଜାହିଲିୟତ୍ ଯୁଗରେ ତାଙ୍କ ବାପା ଅମ୍‌ରୋଙ୍କ ହାତରେ କେହିଜଣେ ହତ୍ୟା ହୋଇଗଲେ । ସେଥିଯୋଗୁ ସେ ପଳାୟନ କରି ହଜ୍‌ରେ ମୌତ୍ ଯାହା ସମୁଦ୍ର କୂଳରେ ଅଦନ୍‌ର ପଶ୍ଚିମ ଦିଗରେ ୟମନ୍‌ରେ ଥିବା ଗୋଟିଏ ଇଲାକା ଅଟେ, ସେଠାକୁ ଚାଲିଗଲେ ଓ ସେଠାରେ ସେ କିନ୍ଦାଃ କବିଲାର ମିତ୍ର ହୋଇ ରହିଲେ । ସେଥିପାଇଁ ତାଙ୍କୁ କିନ୍ଦି କୁହାଯାଉଥିଲା । ସେଠିକାର ଜଣେ ମହିଳାଙ୍କ ସହିତ ଅମ୍‌ରୋ ବିବାହ କରିନେଲେ ଓ ତାଙ୍କଠାରୁ ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଜନ୍ମ ନେଲେ । ଯେତେବେଳେ ମିକ୍‌ଦାଦ୍ ବଡ ହେଲେ ତାଙ୍କର ଅବୁ ଶିମର୍ ବିନ୍ ହଜର୍ କିନ୍ଦିଙ୍କ ସହିତ ଝଗଡା ହୋଇଗଲା । ସେ ଶିମର୍‌ର ଗୋଡକୁ ତରବାରି ଦ୍ୱାରା କାଟିଦେଲେ । ତା ପରେ ପୁଣି ମକ୍କା ପଳାୟନ କରି ଚାଲିଆସିଲେ ଓ ସେଠାରେ ଅସ୍‌ୱଦ୍ ବିନ୍ ଅବ୍‌ଦେ ୟଗୁସ୍‌ଙ୍କର ସେ ମିତ୍ର ହୋଇ ରହିଲେ । ମିକ୍‌ଦାଦ୍ ର:ଅ ନିଜ ବାପାଙ୍କୁ ଚିଠି ଲେଖିଲେ । ଫଳତଃ ସେ ମଧ୍ୟ ମକ୍କା ଚାଲିଆସିଲେ । ଅସ୍‌ୱଦ୍ ବିନ୍ ଅବ୍‌ଦେ ୟଗୁସ୍ ମିକ୍‌ଦାଦ୍‌ଙ୍କୁ ନିଜର ପାଳିତ ପୁତ୍ର ବନାଇ ଦେଇଥିଲେ । ସେଥି ସକାଶେ ତାଙ୍କୁ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ମଧ୍ୟ ଡକାଯାଉଥିଲା ଓ ସାଧାରଣତଃ ସେ ଏହି ନାମରେ ପ୍ରସିଦ୍ଧ ହୋଇଗଲେ । କିନ୍ତୁ ଯେତେବେଳେ ଏହି ଆୟତ ***ଉଦ୍‌ଉହୁମ୍ ଲିଆବାଇହିମ୍*** (ଅଲ୍ ଅହ୍‌ଜାବ:୬) ଅର୍ଥାତ୍ ତାଙ୍କୁ, ପିଲାମାନଙ୍କୁ ଅର୍ଥାତ୍ ପାଳିତ ପିଲାମାନଙ୍କୁ ମଧ୍ୟ ସେମାନଙ୍କୁ ବାପାଙ୍କ ନାମ ଦ୍ୱାରା ଡାକ ବୋଲି ନିର୍ଦ୍ଦେଶ ମିଳିଲା ସେତେବେଳେ ତାଙ୍କୁ ମିକ୍‌ଦାଦ୍ ବିନ୍ ଅମ୍‌ରୋ ଡକାଗଲା । କିନ୍ତୁ ସେ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ନାମରେ ପ୍ରସିଦ୍ଧ ହୋଇଯାଇଥିଲେ । ସେ ଯାହା ହେଉ ଏହା ଅଲ୍ଲାଃଙ୍କ ବିଧାନ ଅନ୍ତର୍ଗତି **ଉଦ୍‌ଉହୁମ୍ ଲିଆବାହିମ୍** କି ପାଳିତ ପୁତ୍ର ଅବା ଜାହାକୁ କାହା ପ୍ରତି ସମ୍ବୋଧନ କରି ଡ଼କାଯାଏ, ତଥା ଏପରି ସମସ୍ତ ମାମଲାରେ ସଂମ୍ପୃକ୍ତ ବ୍ୟକ୍ତିର ପ୍ରକୃତ ପରିଚୟ ତାହାର ଜନ୍ମଦାତା ପିତାର ଅଟେ । ତେଣୁ ତାହାକୁ ନିଜ ଜନ୍ମକଲା ବାପ ନାମରେ ଡ଼ାକିବା ଉଚିତ୍ । ହଜ୍‌ରତ୍ ମିକ୍‌ଦାଦ୍ ର:ଅଙ୍କ କୁନିୟତ୍ ଅବୁ ମାବଦ୍ ବ୍ୟତୀତ ଅବୁ ଅସ୍‌ୱଦ୍, ଅବୁ ଉମର୍ ଏବଂ ଅବୁ ସଇଦ୍ ମଧ୍ୟ ଥିଲା ବୋଲି ବର୍ଣ୍ଣିତ ରହିଛି ।

ଏକଦା ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଏବଂ ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ବିନ୍ ଅଓଫ୍ ର:ଅ ଏକାଠି ବସିଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ର:ଅ ତାଙ୍କୁ ପଚାରିଲେ ଯେ ତୁମେ ବିବାହ କାହିଁକି କରୁନହଁ । ଏଥିରେ ହଜ୍‌ରତ୍ ମିକ୍‌ଦାଦ୍ ର:ଅ କହିଲେ ଯଦି ଆପଣ ମୋତେ ଏକଥା ପଚାରୁଛନ୍ତି ତାହାହେଲେ ଆପଣଙ୍କ ଝିଅକୁ ମୋ ସହିତ ବିବାହ କରିଦିଅନ୍ତୁ । ଏକଥା ଶୁଣି ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ରାଜିଯାଇ ତାଙ୍କୁ ଡାଂଟି ଦେଲେ । ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଏ ବିଷୟ ନବୀ କରିମ୍ ସ:ଆ:ସଙ୍କ ନିକଟରେ ଅଭିଯୋଗ କଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ମୁଁ ତୁମର ବିବାହ କରାଇ ଦେବି । ତା ପରେ ହଜରତ ମୁହମ୍ମଦ ସ.ଅ ନିଜ ଚଚା ହଜରତ ଜୁବେର ବିନ୍ ଅବଦୁଲ୍ ମୁତଲିବ୍‌ଙ୍କ କନ୍ୟା ଜବାଆଃ ସହ ହଜରତ ମିକଦାଦ୍‌ଙ୍କ ବିବାହ କରାଇଦେଲେ । (ଶରହ ଜର୍‌କାନି, ଖଣ୍ଡ-୫, ପୃଷ୍ଠା-୨୧୩, ପ୍ରକାଶନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୬) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃଷ୍ଠା-୩୧୧, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ) (ଇବ୍‌ନେ ହୁଶାମ୍, ପୃଷ୍ଠା-୧୫୧.... ପ୍ରକାଶନ ଦାରେ ଇବ୍‌ନେ ହଜମ୍ ୨୦୦୯) (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୮୫.....ବେରୁତ ଲେବ୍‌ନାନ୍ ୧୯୯୬) (ଅଲ୍‌ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୬, ପୃଷ୍ଠା-୧୬୦....ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ଲେବ୍‌ନାନ୍ ୨୦୦୫)

ହଜରତ ଜବାଆଃ ର.ଅଙ୍କ ଔରସରୁ ତାଙ୍କର ଦୁଇଟି ସନ୍ତାନ କରିମାଃ ଓ ଅବଦୁଲ୍ଲାଃ ଜନ୍ମ ହୋଇଥିଲେ । ଅବଦୁଲ୍ଲାଃ ଜମଲ ଯୁଦ୍ଧରେ ହଜରତ ଆଏଶାଙ୍କ ତରଫରୁ ଲଢିବା ଅବସ୍ଥାରେ ଶହିଦ୍ ହୋଇଥିଲେ । ଜବାତାଃଙ୍କୁ ହଜୁର ସ.ଅ ଖୈବରଠାରେ ୪୦ଓସକ୍ ଖଜୁରୁ ପ୍ରଦାନ କରିଥିଲେ । ଯାହାକି ପାଖାପାଖି ୬୦୦କି.ଗ୍ରା ହେବ । (ଲୁଗାତୁଲ୍ ହଦିସ୍, ଖଣ୍ଡ-୪, ପୃଷ୍ଠା-୪୮୭ "ଓ୍ୱସକ୍" ଲୁଗାତୁଲ୍ ହଦିସ୍, ଖଣ୍ଡ-୨, ପୃଷ୍ଠା-୪୪୮ "ସାଆ")

ହଜ୍‌ରତ୍ ମିକ୍‌ଦାଦ୍ ର:ଅଙ୍କର ଜଣେ ପୁତ୍ରଙ୍କ ନାମ ମାଆବଦ୍ ମଧ୍ୟ ଥିଲା । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୬, ପୃଷ୍ଠା-୨୦୭ ମାଆବଦ୍ ବିନ୍ ମିକ୍‌ଦାଦ୍ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ଲେବ୍‌ନାନ୍ ୨୦୦୫)

ହଜରତ ମିକଦାଦ୍‌ଙ୍କ କନ୍ୟା କରିମା ଆପାଣଙ୍କ ଶରୀର ଆକାର ଓ ଗଠନ ସମ୍ପର୍କରେ କୁହନ୍ତି ସେ ବେଶ୍ ଉଚ୍ଚା ଓ ଗହମ ବର୍ଣ୍ଣର ଲୋକ ଥିଲେ, ତାଙ୍କ ପେଟ ବଡ଼ ଓ ମୁଣ୍ଡରେ ପ୍ରବଳ ଚୁଟି ଥିଲା । ସେ ନିଜ ଦାଢିରେ ହଳଦିଆ ରଙ୍ଗ ଲଗାଉଥିଲେ ଯାହାକି ବେଶ୍ ସୁନ୍ଦର ଦିସୁଥିଲା । ତାଙ୍କର ଦାଢି ଅତ୍ୟଧିକ ଲମ୍ବା ନଥିଲା ନା ଛୋଟ ଥିଲା । ତାଙ୍କ ଚକ୍ଷୁ କଳା ବର୍ଣ୍ଣ ଏବଂ ପତାର ଚୁଟି ପତଳା ଓ ଲମ୍ବା ଥିଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୮୭, ଦାରେ ଅହ୍‌ୟାଅତ୍ ତୁରାସୁଲ୍ ଅରବି ବେରୁତ୍ ଲେବ୍‌ନାନ୍ ୧୯୯୬)

ହଜ୍‌ରତ୍ ମିକ୍‌ଦାଦ୍ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବାର ଘଟଣାଟି ହେଉଛି ଏପରି -

ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ବର୍ଣ୍ଣନା କରନ୍ତି ହଜରତ ମିକଦାଦ୍ ସେହି ସାତ ଜଣ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଯେ ମକ୍କାରେ ସର୍ବପ୍ରଥମେ ନିଜ ମୁସଲମାନ ହେବାର ଘୋଷଣା କରିଥିଲେ । (ଉସଦୁଲ୍ ଗାବା ଫି ମାରେଫତି ସାହାବା, ଖଣ୍ଡ-୫, ପୃଷ୍ଠା-୨୪୩, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୮)

ଏହାର ବିବରଣୀ ପୂର୍ବରୁ ମୁଁ ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ର:ଅଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବା ସମୟରେ ଆଲୋକପାତ କରିସାରିଛି । ହଜ୍‌ରତ୍ ମିକ୍‌ଦାଦ୍ ର:ଅଙ୍କ ମଦିନା ଆଡକୁ ହିଜ୍‌ରତ୍ କରିବା ସମ୍ବନ୍ଧରେ ଏପରି ଆସୁଛି କି ହବସା ଆଡ଼କୁ ହିଜ୍‌ରତ୍‌କାରୀଙ୍କ ମଧ୍ୟରେ ହଜରତ ମିକଦାଦ୍ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । କିନ୍ତୁ କିଛି ଦିନପରେ ସେ ମକ୍କା ଫେରିଆସିଥିଲେ । ଯେତେବେଳେ ହଜୁର ସ.ଅ ମଦିନା ପ୍ରବାସ କଲେ ସେତେବେଳେ ସେ ମଦିନା ଅଭିମୁଖେ ଯାତ୍ରା କରିପାରି ନଥିଲେ ଏବଂ ସେପର୍ଯ୍ୟନ୍ତ ମକ୍କାରେ ଅବସ୍ଥାନ କରିଥିଲେ ଯେପର୍ଯ୍ୟନ୍ତ ହଜୁର ସ.ଅ ହଜରତ ଅବିଦାଃ ବିନ୍ ହାରସାଙ୍କ ବେତୃତ୍ୱରେ ଏକ ଦଳ ପ୍ରେରଣ କରିନଥିଲେ । ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଏବଂ ହଜ୍‌ରତ୍ ଉତ୍‌ବା ବିନ୍ ଗଜ୍‌ୱାନ୍ ର:ଅ ଅକ୍‌ରମା ବିନ୍ ଅବୁଜହଲ୍‌ଙ୍କ ସେନାଦଳରେ ଏଥିପାଇଁ ସାମିଲ୍ ହୋଇଥିଲେ ଯେ ସେ ଅବସର ମିଳିବା କ୍ଷେତ୍ରରେ ମୁସଲ୍‌ମାନ୍‌ମାନଙ୍କ ସହିତ ଯାଇ ମିଶିଯିବେ । (ଉସଦୁଲ୍ ଗାବା ଫିମାରେଫତି ସାହାବା, ଖଣ୍ଡ-୫, ପୃଷ୍ଠା-୨୪୨, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ଲେବ୍‌ନାନ୍ ୨୦୦୮)

ଏହାର ବିବରଣୀ ମଧ୍ୟ ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି ଅଳ୍ପ କିଛି ସଂକ୍ଷେପରେ ଏଠାରେ ବର୍ଣ୍ଣନା କରିଦେଉଛି ଯାହାକୁ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସିରତ୍ ଖାତମୁନ୍ ନବୀଇନ୍ ପୁସ୍ତକରେ ଲେଖିଛନ୍ତି ତାହା ହେଉଛି ଏପରିକି:-

"ଓଦାନ୍ ଯୁଦ୍ଧରୁ ପ୍ରତ୍ୟାବର୍ତନ ପରେ ରବିଉଲ୍ ଅୱଲ୍ ମାସ ଆରମ୍ଭରେ ହଜୁର ସ.ଅ ନିଜର ଜଣେ ନିକଟ ସମ୍ପର୍କୀୟ ଅବିଦ ବିନ୍ ହାରସା ମୁତଲବିଙ୍କ ନେତୃତ୍ୱରେ ୬୦ଜଣ ଓଟ ବାହକ ମୁହାଜିର୍‌ମାନଙ୍କର ଗୋଟିଏ ଦଳ ପ୍ରେରଣ କରିଥିଲେ । ଏହି ଦଳକୁ ପ୍ରେରଣ କରିବାରେ ଉଦ୍ଦେଶ୍ୟ ମଧ୍ୟ କୁରୈଶଙ୍କ ଆକ୍ରମଣକୁ ପ୍ରତିରୋଧ କରିବାର ଥିଲା ।" ସୁତରାଂ ଅବିଦାଃ ବିନ୍ ହାରସା ଓ ତାଙ୍କ ସାଥିମାନେ କିଛି ବାଟ ଅତିକ୍ରମ କରି ଯେତେବେଳେ ସନିୟତୁଲ୍ ମରାଃ ସ୍ଥାନରେ ପହଂଚିଲେ, ହଠାତ୍ ଦେଖିବାକୁ ପାଇଲେ କି ୨୦୦ଅସ୍ୱଧାରୀ ଯୁବକ ଅକରମା ବିନ୍ ଅବୁଜହଲ୍‌ଙ୍କ ନେତୃତ୍ୱରେ ସେଠାରେ ଶିବିର ଲଗାଇ ରହିଛନ୍ତି । ତେବେ ସେହିଠାରେ ଉଭୟ ଦଳ ମୁହାଁମୁହିଁ ହୋଇ ପରସ୍ପରର ମୁକାବିଲା କଲେ କିନ୍ତୁ ମୁଶ୍‌ରିକ୍ ଅର୍ଥାତ୍ ଅନେକେଶ୍ୱରବାଦୀ ମାନଙ୍କର ଦଳ ଏହି ଭୟରେ କି ମୁସଲମାନମାନଙ୍କ ପଛରେ କିଛି ସାହାଯ୍ୟକାରୀ ଲୁଚିରହିଥିବେ, ମୁକାବିଲା ନକରି ପଛଘୁଂଚା ଦେଇ ପଳାୟନ କଲେ । ମୁସଲମାନମାନେ ମଧ୍ୟ ସେମାନଙ୍କ ପିଛା କଲେ ନାହିଁ କିନ୍ତୁ ମୁସ୍‌ରିକ୍‌ମାନଙ୍କ ଦଳରୁ ଦୁଇ ଜଣ ବ୍ୟକ୍ତି ହଜରତ ମିକଦାଦ୍ ବିନ୍ ଉମରୋ ଓ ଉତବା ବିନ୍ ଗଜୱାନ୍ ସେମାନଙ୍କ ଦଳରୁ ପଳାୟନ କରି ଚାଲିଆସିଲେ ଏବଂ ମୁସଲମାନମାନଙ୍କ ମଧ୍ୟରେ ସାମିଲ ହୋଇଗଲେ । ଉଲ୍ଲେଖ ରହିଛି କି ସେମାନେ ଏହି ଉଦ୍ଦେଶ୍ୟରେ କୁରେଶଙ୍କ ସାଥିରେ ସାମିଲ ହୋଇଥିଲେ କି ସୁଯୋଗ ପାଇ ମୁସଲମାନମାନଙ୍କ ସାଥିରେ ସାମିଲ ହୋଇଯିବେ, କାରଣ ସେମାନେ ହୃଦୟଭିତରୁ ମୁସଲମାନ ହୋଇସାରିଥିଲେ । କିନ୍ତୁ ନିଜର ଦୁର୍ବଳତା ଯୋଗୁ ସେମାନେ କୁରୈଶ୍‌ଙ୍କୁ ଭୟ କରୁଥିଲେ ତେଣୁ ହିଜ୍‌ରତ୍ କରିପାରି ନଥିଲେ ଓ ସମ୍ଭବତଃ ଏହି ଘଟଣା ଦ୍ୱାରା କୁରୈଶମାନେ ନିରୁତ୍ସାହିତ ହୋଇଯାଇଥିବେ ଓ ସେମାନେ ଏହାକୁ ଅଶୁଭ ବୋଲି ଭାବି ପଛକୁ ହଟିଯିବା ପାଇଁ ନିଷ୍ପତି କରିନେଇଥିବେ । ଇତିହାସରେ ଏକଥା ବର୍ଣ୍ଣିତ ନାହିଁ ଯେ କୁରୈଶ୍‌ଙ୍କର ଏହି ସେନା ଯାହା ନିଶ୍ଚିତ ରୂପେ କୌଣସି ବଣିକ ଦଳ ନଥିଲା ଓ ଯାହାଙ୍କ ସମ୍ବନ୍ଧରେ ଇବ୍‌ନେ ଇସ୍‌ହାକ୍ ***ଜମିଉନ୍ ଅଜିମୁନ୍*** (ଅର୍ଥାତ୍ ଏକ ବହୁତ ବଡ ସେବା)ର ଶବ୍ଦ ବ୍ୟବହାର କରିଛି, ତାହା କୌଣସି ବିଶେଷ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଏଠାକୁ ଆସିଥିଲା । କିନ୍ତୁ ଏହା ନିଶ୍ଚିତ ଯେ ସେମାନଙ୍କର ନିୟତ୍ ଭଲ ନଥିଲା ଓ ଏହା ଇଶ୍ୱରଙ୍କ କୃପାଥିଲା ଯେ ସେମାନେ ମୁସଲ୍‌ମାନ୍‌ମାନଙ୍କୁ ସତର୍କ ରହିବା ଦେଖି ଓ ନିଜ ଲୋକମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ମୁସଲ୍‌ମାନ୍‌ମାନଙ୍କ ନିକଯକୁ ଚାଲିଯିବାର ଦେଖି ତାଙ୍କୁ ଏ ସାହସ ହେଲାନାହିଁ । ଫଳତଃ ସେମାନେ ସେଠାରୁ ଲେଉଟି ଚାଲିଗଲେ ଓ ସାହାବାମାନଙ୍କୁ ଏହି ଅଭିଯାନରେ ଲାଭ ମିଳିଗଲା କି ଦୁଇଜଣ ମୁସଲ୍‌ମାନ୍ ବ୍ୟକ୍ତି କୁରୈଶ୍‌ଙ୍କ ଅତ୍ୟାଚାରରୁ ମୁକ୍ତି ପାଇଗଲେ ।" (ସିରତ୍ ଖାତମୁନ୍ ନବୀଇନ୍, ପୃଷ୍ଠା-୩୨୮-୩୨୯)

ମଦିନା ହିଜ୍‌ରତ୍ କରିବା ସମୟରେ ହଜରତ ମିକଦାଦ୍ ହଜରତ କୁଲସୁମ୍ ବିନ୍ ହଦିମ୍‌ଙ୍କ ଘରେ ଅବସ୍ଥାନ କରିଥିଲେ । ହଜରତ ମୁହମ୍ମଦ ସ.ଅ ହଜରତ ମିକଦାଦ୍ ଓ ହଜରତ ଜବାର ବିନ୍ ସଖରଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରିଥିଲେ । ହଜରତ ମୁହମ୍ମଦ ସ.ଅ ହଜରତ ମିକଦାଦ୍‌ଙ୍କୁ ବନୁ ହଦିଲା ଯେ ଅନସାର ଦଳ ଖଜରଜ୍‌ର ଏକ ଶାଖା ଥିଲା । ତାଙ୍କ ସାହିରେ ରହିବାକୁ ଜମି ପ୍ରଦାନ କରିଥିଲେ । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ତାଙ୍କୁ ତାଙ୍କ ସାହିରେ ରହିବା ପାଇଁ ଆମନ୍ତ୍ରଣ କରିଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୮୬.... ବେରୁତ୍ ଲେବନାନ୍ ୧୯୯୬)

ହଦିସ୍‌ରେ ରାତି ସମୟରେ ଛେଳିର କ୍ଷୀର ପିଇବାର ଯେଉଁ ଘଟଣାଟି ବର୍ଣ୍ଣନା ହୋଇଛି ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଇଁ ଯେଉଁ ତିନିଜଣ ବ୍ୟକ୍ତି କ୍ଷୀର ଦୁହିଁ ରଖୁଥିଲେ ସେଥିରେ ହଜ୍‌ରତ୍ ମିକ୍‌ଦାଦ୍ ର:ଅ ମଧ୍ୟ ଅଛନ୍ତି । ସେହି କ୍ଷୀରକୁ ମଧ୍ୟ ଜଣେ ସାହାବୀ ପିଇଯାଇଥିଲେ ।

ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଏ ରିୱାୟତ୍ କରୁଛନ୍ତି ଯେ ମୁଁ ଓ ମୋର ଦୁଇଜଣ ସାଥି ଯେତେବେଳେ ମଦିନାକୁ ହିଜ୍‌ରତ୍ କରି ଆସିଲୁ ଓ ଆମର କାନ ଓ ଆଖି ଅତ୍ୟଧିକ ପରିଶ୍ରମ ଯୋଗୁ ପ୍ରଭାବିତ ହୋଇଯାଇଥିଲା । ଆମେ ନିଜକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଲୁ ଯେ ଆମେ କାହା ସହିତ ମିଶି ରହିଯିବୁ ବୋଲି । କିନ୍ତୁ କେହି ହେଲେ ଆମକୁ ଗ୍ରହଣ କଲେ ନାହିଁ । ତେଣୁ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଯାଇ ପହଂଚିଲୁ । ଆପଣ ସ:ଆ:ସ ଆମକୁ ନିଜ ଘରକୁ ନେଇଗଲେ । ସେଠାରେ ତିନୋଟି ଛେଳି ଥିଲେ । ନବୀ କରିମ୍ ସ:ଆ:ସ କହିଲେ ଏମାନଙ୍କର କ୍ଷୀରକୁ ଆମ ସମସ୍ତଙ୍କ ପାଇଁ ଦୁହିଁନେବ । ସେ କହୁଛନ୍ତି ଯେ ଆମେ କ୍ଷୀର ଦୁହିଁସାରି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଭାଗରେ ପଡିଥିବା କ୍ଷୀରକୁ ପିଇ ନିଅନ୍ତି ଓ ଆମେ ନବୀ କରିମ୍ ସ:ଆ:ସଙ୍କ ପାଇଁ ତାଙ୍କ ଭାଗ କ୍ଷୀରକୁ ରଖିଦେଉଥିଲୁ । ସେ କହୁଛନ୍ତି ରାତି ସମୟରେ ଆପଣ ସ:ଆ:ସ ଆସି ଏତେ ଧିର ସ୍ୱରରେ ଅସ୍‌ସଲାମୋ ଆଲୈକୁମ୍ କୁହନ୍ତି ଯେ ଶୋଇଥିବା ବ୍ୟକ୍ତି ଜାଗିବନାହିଁ ଓ ଯିଏ ଜାଗିଥିବ ସେ ତାହା ଶୁଣିନେବ । ସେ କହୁଛନ୍ତି ଯେ ତା'ପରେ ଆପଣ ସ:ଆ:ସ ମସ୍‌ଜିଦ୍‌କୁ ଯାଇ ନମାଜ ପଢୁଥିଲେ । ତା'ପରେ ଆସି ନିଜ ପାଇଁ ରଖାଯାଇଥିବା କ୍ଷୀରକୁ ପିଇନେଉଥିଲେ । ସେ କହୁଛନ୍ତି ଯେ ଦିନେ ରାତିରେ ମୋ ନିକଟକୁ ସଇତାନ୍ ଆସିଲା । ଯେତେବେଳେ ମୁଁ ନିଜ ପାଇଁ ଥିବା କ୍ଷୀରକୁ ପିଇସାରିଥିଲି । ଅର୍ଥାତ୍ ସଇତାନି ଭାବନା ମୋ ମନ ଭିତରେ ଆସିଲା । ସେ କହୁଛି ଯେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଅନ୍‌ସାରମାନଙ୍କ ନିକଟକୁ ଯାଉଛନ୍ତି ଓ ଅନ୍‌ସାର୍‌ମାନେ ମଧ୍ୟ ଆପଣ ସ:ଆ:ସଙ୍କୁ ଉପହାରମାନ ପ୍ରଦାନ କରୁଛନ୍ତି । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହି ଅଳ୍ପ କିଛି କ୍ଷୀରର କୌଣସି ଆବଶ୍ୟକ ନାହିଁ । ସୁତରାଂ ସେ କହୁଛନ୍ତି ଯେଉଁ କ୍ଷୀର ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଇଁ ରଖାଯାଇଥିଲା ମୁଁ ତାହାକୁ ପିଇନେଲି । ଯେତେବେଳେ ତାହା ମୋ ପେଟ ଭିତରକୁ ଚାଲିଗଲା, ଆରବୀୟ ଲୋକମାନଙ୍କର ବର୍ଣ୍ଣନା କରିବାର ଶୈଳୀ ଗୋଟିଏ ପ୍ରକାରର । ସେ କହୁଛନ୍ତି ଯେତେବେଳେ ମୋ ପେଟ ଭିତରକୁ ଚାଲିଗଲା ମୁଁ ଜାଣିଗଲି ଯେ ଏବେ ତାହାକୁ ପାଇବା ପାଇଁ କୌଣସି ମାର୍ଗ ଆଉନାହିଁ । ଏବେ ଏହା ଲେଉଟି ଆସିପାରିବ ନାହିଁ । ସେ କହୁଛନ୍ତି ଯେ ସଇତାନ୍ ମୋତେ ଲଜ୍ଜିତ କରି କହିଲା ଯେ ତୋର ଖରାପ ହେଉ, ତୁ ଏହା କ'ଣ କଲୁ! ତୁ ତ ମୁହମ୍ମଦ୍ ସ:ଆ:ସଙ୍କ ପାଇଁ ଥିବା କ୍ଷୀରକୁ ପିଇଦେଲୁ । ଯେତେବେଳେ ସେ ଆସିବେ ଓ ସେହି କ୍ଷୀରକୁ ପାଇବେ ନାହିଁ ସେତେବେଳେ ସେ ତୁମ ବିରୋଧରେ ଦୁଆ କରିବେ । ଫଳତଃ ତୁ ଧ୍ୱଂସ ହୋଇଯିବୁ ଓ ତୁମର ଇହକାଳ ଓ ପରକାଳ ଧ୍ୱଂସ ହୋଇଯିବ । ସଇତାନ୍ ପଶ୍ଚାତାପ୍ କାହିଁକି କଲେ ? ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଏକଥା କାହିଁକି କହିଲେ ? ଏଥିପାଇଁ ଯେ ସଇତାନ୍ ଏହି ସଂଶୟ ତାଙ୍କ ମନ ଭିତରେ ପକାଇଲା ଯେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ଉପରେ ବଦ୍‌ଦୁଆ (ଅର୍ଥାତ୍ ଅଭିଷାପ) ପ୍ରେରଣ କରିବେ । ଯେବେକି ଆଁ ହଜ୍‌ରତ୍ ସ:ଆ:ସ ତ ରହ୍‌ମତୁଲ୍ ଲିଲ୍ ଆଲମିନ୍ ଅର୍ଥାତ୍ ସମଗ୍ର ଜଗତ ପାଇଁ କରୁଣା ଅଟନ୍ତି । ଏହି ଛୋଟିଆ କଥା ଯୋଗୁ ସେ କାହିଁକି ଅଭିଷାପ ଦେଇଥାନ୍ତେ । ଏ ଭାବନା ମଧ୍ୟ ସଇଦାନି ଭାବନା ଥିଲା ଯେ ଆଁ ହଜ୍‌ରତ୍ ସ:ଆ:ସ ତୁମପାଇଁ ବଦ୍‌ଦୁଆ କରିବେ । ସେ ଯାହାହେଉ ସେ କହୁଛନ୍ତି ଯେତେବେଳେ ଏ ଧାରଣା ମୋ ମନରେ ଆସିଲା ଯେ ଯଦି ସେ ଦୁଆ କରିବେ ମୁଁ ଧ୍ୱଂସ ହୋଇଯିବ ଓ ମୋର ଇହକାଳ ଓ ପରକାଳ ନଷ୍ଟ ହୋଇଯିବ । ସେ କହୁଛନ୍ତି ମୋର ଉପରେ ଗୋଟିଏ ଚାଦର ଥିଲା । ଯେତେବେଳେ ମୁଁ ତାକୁ ନିଜ ପାଦକୁ ଢ଼ାଙ୍କି ଦେଉଥିଲି ସେତେବେଳେ ମୋ ମୁଣ୍ଡଟି ବାହାରକୁ ରହିଯାଉଥିଲା ଓ ଯେତେବେଳେ ମୁଁ ମୁଣ୍ଡ ଘୋଡାଇଦେଉଥିଲି ମୋ ପାଦ ବାହାରକୁ ବାହାରି ଯାଉଥିଲା । ଫଳତଃ ମୋତେ ନିଦ ଆସୁନଥିଲା । ମୋର ଦୁଇଜଣ ସାଥି ଶୋଇଯାଇଥିଲେ । ସେମାନେ ଏପରି କରିନଥିଲେ ଯାହାକୁ କରିଥିଲି ଅର୍ଥାତ୍ ସେହି କ୍ଷୀରକୁ ପିଇଦେଇଥିଲି । ସେ କହୁଛନ୍ତି ଯେ ପୁଣି ନବୀ କରିମ୍ ସ:ଆ:ସ ଆସିଲେ ଅସ୍‌ସଲାମୋ ଆଲୈକୁମ୍ କହିଲେ ସେପରି ସେ ସର୍ବଦା କରିଥାନ୍ତି । ପୁଣି ମସ୍‌ଜିଦ୍ ଯାଇ ନମାଜ ପଢ଼ିଲେ ଅର୍ଥାତ ନଫିଲ୍ ନମାଜ ପଢ଼ିଲେ ପୁଣି ନିଜ ପିଇବା ପାତ୍ର ନିକଟକୁ ଆସିଲେ । ଯେଉଁ କ୍ଷୀର ଗ୍ଲାସ୍‌ଟି ରଖାଯାଇଥିଲା ତା ନିକଟକୁ ଆସିଲେ । ତାହାର ଢ଼ାଙ୍କୁଣିଟି ଉଠାଇଲେ ଓ ସେଥିରେ କିଛି ମଧ୍ୟ ନଥିଲା । ଆଁ ହଜ୍‌ରତ୍ ସ:ଆ:ସ ଆକାଶ ଆଡକୁ ମୁଣ୍ଡ ଉଠାଇଲେ । ସେ କହୁଛନ୍ତି ଯେ ମୁଁ ସେ ସମୟରେ ଜାଗିଥିଲି ଓ ସବୁକିଛି ଦେଖୁଥିଲି । ମୁଁ ସେତେବେଳେ ଭାବିଲି ଯେ ବର୍ତମାନ ସେ ମୋ ବିରୁଦ୍ଧରେ ଦୁଆ କରିବେ ଅର୍ଥାତ୍ ମୋତେ ବଦ୍‌ଦୁଆ ଦେବେ ଯଦ୍ୱାରା ମୁଁ ଧ୍ୱଂସ ହୋଇଯିବି । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ***ଅଲ୍ଲାହୁମ୍ମା ଅତ୍‌ଇମ୍ ମନ୍ ଅତ୍‌ଅମନି ୱ ଅସ୍‌କି ମନ୍***

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

***ଅସ୍‌କାନି*** ଅର୍ଥାତ୍ ହେ ଅଲ୍ଲାଃ ଯିଏ ମୋତେ ଖାଇବାକୁ ଦେବ ତାକୁ ତୁମେ ଖୁଆଇଦିଅ ଓ ଯିଏ ମୋତେ ପିଆଇବ ତୁମେ ତାକୁ ପିଆଓ । ସେ କହୁଛନ୍ତି ଯେ ଏକଥାକୁ ଶୁଣି ମୁଁ ନିଜ ଚାଦରଟିକୁ ନିଜ ଉପରେ ମଜ୍‌ବୁତ୍ ଭାବେ ବାନ୍ଧିନେଲି । ମୁଁ ତ ଜାଗ୍ରତ ଅବସ୍ଥାରେ ଥିଲି । ତେଣୁ ଗୋଟିଏ ଛୁରୀ ଧରି ବାହାରକୁ ବାହାରି ପଡିଲି ଯେ ବାହାରେ ଥିବା ଛେଳିମାନଙ୍କ ମଧ୍ୟରୁ ଯେଉଁ ଛେଳିଟି ସବୁଠାରୁ ଭଲ, ମୋଟା ଓ ସ୍ୱାସ୍ଥ୍ୟବାନ୍ ଛେଳି ମୁଁ ତା ଆଡକୁ ଚାଲିଲି । କାରଣ ତାକୁ ରସୁଲୁଲ୍ଲା ସ:ଆ:ସଙ୍କ ପାଇଁ ଜେଭ କରିଦେବି । ସେ କହୁଛନ୍ତି ଯେତେବେଳେ ମୁଁ ସେଠାରେ ପହଂଚିଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ ସେହି ଛେଳିଟିର ଥନରେ କ୍ଷୀର ଭରି ରହିଥିଲା ବରଂ ସେହି ସବୁ ଛେଳିଗୁଡିକର ଥନ କ୍ଷୀରରେ ଭରିଯାଇଥିଲା । ପୁଣି ମୁଁ ହଜୁର୍ ସ:ଆ:ସଙ୍କ ଘର ଲୋକଙ୍କର ଗୋଟିଏ ପାତ୍ରକୁ ନେଇ ଆସିଲି । ସେ ଏକଥା ଭାବିନଥିଲେ ଯେ ସେହି ପାତ୍ରଟିକୁ କ୍ଷୀର ଦୁହିଁ ଭରିଦେବେ ବୋଲି । ସେ କହୁଛନ୍ତି ଯେ ମୁଁ ସେଥିରେ କ୍ଷୀର ଦୁହିଁଲି ଏପରିକି ସେହି ପାତ୍ରର ଉପର ପର୍ଯ୍ୟନ୍ତ ଫେଣ ଆସିଗଲା ଓ ପାତ୍ରଟି ପୁର୍ଣ୍ଣ ହୋଇଗଲା । ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲି । ଆଁ ହଜ୍‌ରତ୍ ସ:ଆ:ସ କହିଲେ କ'ଣ ତୁମେମାନେ ଆଜି ରାତିରେ ମୋ ଭାଗର କ୍ଷୀରକୁ ପିଇଦେଇଥିଲ ? ସେ କହୁଛନ୍ତି ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଏକଥା ପଚାରନ୍ତୁ ନାହିଁ । ଆପଣ ଏହି କ୍ଷୀରକ ପିଇନିଅନ୍ତୁ । ଆଁ ହଜ୍‌ରତ୍ ସ:ଆ:ସ କ୍ଷୀର ପିଇସାରି ମୋତେ ଦେଇଦେଲେ । ମୁଁ ପୁଣି ନିବେଦନ କଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆହୁରି ପିଅନ୍ତୁ । ଆପଣ ସ:ଆ:ସ ପୁଣି ପିଇଲେ । ପୁଣି ମୋତେ ଦେଇଦେଲେ । ଯେତେବେଳେ ମୁଁ ଏକଥା ଅନୁଭବ କଲି ଯେ ନବୀ କରିମ୍ ସ:ଆ:ସ ତୃପ୍ତ ହୋଇସାରିଛନ୍ତି ଅର୍ଥାତ୍ ଆପଣଙ୍କ ପେଟ ଭରିଯାଇଛି ବୋଲି, ଆପଣ ସ:ଆ:ସଙ୍କର ଖୋରାକ ଯେତିକି ଥିଲା ସେତିକି ମାତ୍ରାରେ ଆପଣ କ୍ଷୀର ପିଇସାରିଛନ୍ତି । ସେତେବେଳେ ମୋତେ ଏକଥା ମଧ୍ୟ ଖିଆଲ ଆସିଲା ଯେ ଏବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୁଆ ମଧ୍ୟ ହାସଲ କରିସାରିଛି । ଏହି ଦୁଆ କରିଥିଲେ ନା କି ଅଲ୍ଲାଃ ଯିଏ ମୋତେ ପିଆଇବ ତୁମେ ତାକୁ ପିଆଓ ଓ ଯିଏ ମୋତେ ଖୁଆଇବ ତୁମେ ତାକୁ ଖୁଆଓ । ସେ କହୁଛନ୍ତି ଏବେ କ୍ଷୀର ମଧ୍ୟ ପିଆଇ ଦେଇଥିଲି ଓ ମୁଁ ହଜୁର୍‌ଙ୍କର ଦୁଆ ମଧ୍ୟ ନେଇସାରିଥିଲି । ତେଣୁ ମୁଁ ଏବେ ହସିବାକୁ ଲାଗିଲି ଓ ଏତେମାତ୍ରାରେ ହସିଲି ଯେ ମୁଁ ଭୂଇଁରେ ଲୁଟିଗଲି । ସେ କହୁଛନ୍ତି ଯେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମୋତେ ଏପରି ହସିବାର ଦେଖିଲେ ଏଥିରେ ଆପଣ ସ:ଆ:ସ ମୋତେ କହିଲେ ହେ ମିକ୍‌ଦାଦ୍ ! ତୁମର ତ କୌଣସି ଦୁଷ୍ଟାମୀ ନାହିଁ । ଆପଣ ସ:ଆ:ସ କହିଲେ ମୋତେ ଏମିତି ଲାଗୁଛି ତୁମେ କିଛି ଦୁଷ୍ଟାମୀ କରିଛ ଏଥିରେ ମୁଁ କହିଲି- ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ସହିତ ଏହିପରି ଘଟଣା ଘଟିଛି ଓ ମୁଁ ଏହିଭଳି କାର୍ଯ୍ୟ କରିଛି । ସବୁକଥା ମୁଁ ଶୁଣାଇଦେଲି । ଏଥିରେ ନବୀ କରିମ୍ ସ:ଆ:ସ କହିଲେ ଯେ ଅଲ୍ଲାଃତାଲାଙ୍କ ତରଫରୁ ଏହା ହେଉଛି ରହ୍‌ମତ୍ ଅର୍ଥାତ୍ କରୁଣା । ଏକଥା ତୁମେମୋତେ ପ୍ରଥମେ କାହିଁକି ବତାଇଲ ନାହିଁ । ଫଳତଃ ଆମେ ନିଜର ଦୁଇଜଣ ସାଥିଙ୍କୁ ଜଗାଇ ଦେଇଥାନ୍ତେ । ସେମାନେ ମଧ୍ୟ ସେଥିରୁ ପିଇଥାନ୍ତେ । ରହେମତ୍‌ରୁ ଭାଗ ପାଇଥାନ୍ତେ । ସେ କହୁଛନ୍ତି ମୁଁ କହିଲି ମୋତେ ତା'ରାଣ ଯିଏ ଆପଣଙ୍କ ସତ୍ୟର ସହିତ ପ୍ରକଟ କରିଛନ୍ତି । ଯେବେ ଆପଣ ସ:ଆ:ସ ସେହି ରହେମତ୍‌କୁ ପାଇଗଲେ ଓ ଆପଣଙ୍କ ସହିତ ମୁଁ ମଧ୍ୟ ସେହି ରହେମତ୍‌କୁ ପାଇଗଲି ଏବେ ମୋତେ କିଛି ପରବାୟ ନାହିଁ ଲୋକମାନଙ୍କ ମଧ୍ୟରୁ କିଏ ତାକୁ ହାସଲ କରୁଛି, କିଏ ନ କରୁଛି । ମୋତେ ତ ନିଜର ଚିନ୍ତା ଥିଲା । କାରଣ ମୁଁ ହିଁ ସେହି ଅପରାଧ କରିଥିଲି । (ସହି ମୁସ୍‌ଲିମ୍, କିତାବୁଲ୍ ଅଶରବା.....ହଦିସ୍ ୨୦୫୫)

ହଜରତ ମିକଦାଦ୍ ବଦର, ଓହଦ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅ ସାଥିରେ ସାମିଲ ଥିଲେ । ହଜରତ ମିକଦାଦ୍ ହଜୁର ସ.ଅଙ୍କ ତୀରଧାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ବୋଲି ବର୍ଣ୍ଣନା ରହିଛି । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃଷ୍ଠା-୮୬....ବେରୁତ୍ ଲେବ୍‌ନାନ୍ ୧୯୯୬)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ କହୁଛନ୍ତି ଯେ ବଦର୍ ଯୁଦ୍ଧ ଅବସରରେ ମୁ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ର:ଅଙ୍କ କଥାର ଏପରି ଏକ ଦୃଶ୍ୟ ଦେଖିବାକୁ ପାଇଲି । ଯଦି ତାହା ମୋତେ ହାସଲ ହୋଇଯାଇଥାଆନ୍ତି ତେବେ ତାହା ସେହି ସମସ୍ତ ପୁଣ୍ୟ କର୍ମଠାରୁ ଉତମ ଓ ପ୍ରିୟତମ ହୋଇଥାନ୍ତା ଏବଂ ମୁଁ ଯେଉଁ ସବୁ ପୁଣ୍ୟ କର୍ମ କରିଛି ତାହାଙ୍କ ଉକ୍ତ ପୁଣ୍ୟକାର୍ଯ୍ୟଟି ଏ ସବୁ ସହିତ ସମାନ ଥିଲା । ସେ କହିବାକୁ ଲାଗିଲେ ଯେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଏପରି କହିବୁନାହିଁ ଯେପରି ମୁସାଙ୍କ କୌମ୍ ଯେମିତି ମୁସାଙ୍କୁ କହିଥିଲେ ଅର୍ଥାତ୍ ***ଫଜ୍‌ହବ୍ ଅନ୍‌ତା ୱ ରବ୍‌ବୁକା ଫକାତିଲା ୱ୍ଲାକିନ୍ନା ନୁକାତିଲୁ ଅନ୍ ୟମିନିକା ୱ ଅନ୍ ସିମାଲିକା ୱ ବୈନା ୟଦୈକା ୱ ଖଲ୍‌ଫକା*** ଅର୍ଥାତ୍ ଯାଓ ତୁମେ ଓ ତୁମର ପ୍ରଭୁ ଦୁଇଜଣଯାଇ ଲଢ଼ । ଏପରି ନୁହେଁ ବରଂ ଆମେ ତ ଆପଣ ସ:ଆ:ସଙ୍କ ଡାହାଣପଟେ ମଧ୍ୟ ଲଢ଼ିବୁ, ବାମପଟେ ମଧ୍ୟ ଲଢ଼ିବୁ ଏବଂ ଆଗ ଓ ପଛରେ ମଧ୍ୟ ଲଢ଼ିବୁ । ମୁଁ ନବୀ କରିମ୍ ସ:ଆ:ସଙ୍କୁ ସେ ସମୟରେ ଦେଖିଲି ଯେ ଆପଣ ସ:ଆ:ସଙ୍କ ଚେହେରା ଚମକି ଉଠିଲା ଓ ମିକ୍‌ଦାଦ୍‌ଙ୍କର ଏହିକଥା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖୁସି ପହଂଚାଇଦେଲା । (ସହି ବୁଖାରୀ କିତାବୁଲ୍ ମଗାଜି..... ହଦିସ୍ ୩୯୫୨)

ସିରତ ଖାତମୁନ୍ ନବୀଇନ୍‌ରେ ବଦର ଯୁଦ୍ଧ ସମ୍ବନ୍ଧରେ ଲେଖା ରହିଛି କି ଶତ୍ରୁର ଖବର ପାଇ ହଜୁର ସ.ଅ ତାଙ୍କ ଉଦ୍ଦେଶ୍ୟ ଜାଣିବା ନିମନ୍ତେ ତଥା ଯଦି ସେମାନେ ଆକ୍ରମଣ କରୁଛନ୍ତି ତେବେ ତାହାର ପ୍ରତିରୋଧ କରିବା ପାଇଁ ବଦର ଅଭିମୁଖେ ବାହରିଥିଲେ ଏବଂ ରୁହା ନିକଟରେ ପହଂଚି ଆପଣ ବସିସ ଓ ଅଦି ନାମି ଦୁଇ ଜଣ ସାହାବିଙ୍କୁ ଶତ୍ରୁର ହରକତ୍ ଓ ଯୋଜନା ସମ୍ବନ୍ଧରେ ସୂଚନା ଆଣିବା ନିମନ୍ତେ ବଦର ଆଡ଼କୁ ପ୍ରେରଣ କଲେ ଏବଂ ନିର୍ଦ୍ଦେଶ ଦେଲେ କି ଅତି ଶିଘ୍ର ଖବର ନେଇ ଫେରିଆସିବ । ରୁହାରୁ ଆଗକୁ ବଢି ମୁସଲମାନମାନେ ଯେତେବେଳେ ସଫ୍‌ରା ବାଟ ଦେଇ ଜଫରାନ୍ (ନାମକ ସ୍ଥାନ)ରେ ପହଂଚିଲେ, ଯାହାକି ବଦର ଠାରୁ ଖୁବ୍ କମ୍ ଦୂରରେ ଅବସ୍ଥିତ, ସେଠାରେ ଖବର ମିଳିଲା କି (ମୁସ୍‌ରିକ୍‌ମାନଙ୍କ) ଦଳର ରକ୍ଷା କରିବା ନିମନ୍ତେ କୁରୈଶର ବହୁତ ବଡ଼ ଯୁଦ୍ଧ ପ୍ରବିଣ ସେନାଦଳ ମକ୍କାରୁ ଆସୁଅଛି । ଏଥିରେ ହଜୁର ସ.ଅ ସମସ୍ତ ସାହାବାମାନଙ୍କୁ ଏକତ୍ରିତ କରି ଉକ୍ତ ଖବର ସମ୍ବନ୍ଧରେ ଅବଗତ କଲେ ଏବଂ ତାଙ୍କୁ ପରାମର୍ଶ ମାଗିଲେ କି ବର୍ତମାନ କ'ଣ କରିବା ଉଚିତ୍ ହେବ । ଏଥିରେ କେତେକ ସାହାବା କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ପ୍ରକାଶ୍ୟ ସାଧନକୁ ଆଖି ଆଗରେ ରଖି ଆମେ ଏକଥା କରିବା ଉଚିତ୍ ହେବ ଯେ କାଫିଲାର ସମ୍ମୁଖୀନ କରାଯାଉ । ଆମେ ଦେଖିବା ଯେ ଯେଉଁ ବଣିକ କାଫିଲା ଯାଉଅଛି ତାଙ୍କର ନିୟତ କ'ଣ ବା ସେ କ'ଣ ଚାହୁଁଛନ୍ତି କାରଣ ଯଦି ସେହି ସେନାଦଳଟି ଯୁଦ୍ଧ କରିବା ପାଇଁ ଆସୁଅଛି ତେବେ ତା ସହିତ ମୁକାବିଲା କରିବା ପାଇଁ ଆମେ ଏବେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ନାହୁଁ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଏହି ରାୟକୁ ପସନ୍ଦ କଲେ ନାହିଁ ।

ବଡ଼ ବଡ଼ ସାହାବାମାନେ ଉଠି ବେଶ୍ ଉତ୍ସର୍ଗୀକୃତ ଭାଷଣ ଦେଲେ ଏବଂ କହିଲେ ଆମର ଜୀବନ, ଧନସମ୍ପତି ସବୁକିଛି ଅଲ୍ଲାଃଙ୍କର ଅଟେ । ଆମେ ପ୍ରତ୍ୟେକ ସ୍ଥାନରେ ଆପଣଙ୍କ ସାଥିରେ ଉପସ୍ଥିତ ରହିବୁ ଓ ସେବା କରିବା ନିମନ୍ତେ ହାଜର ଅଛୁ । ଅତଏବ ହଜରତ ମିକଦାଦ୍ ବିନ୍ ଉମରୋ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆମେ ମୁସାଙ୍କ ସାହାବାଙ୍କ ପରି ନୁହେଁ ଯେ ଆପଣଙ୍କୁ ଉତର ଦେବୁ କି ଯା ତୁମେ ଓ ତୁମ ସୃଷ୍ଟିକର୍ତା ଯାଇ (ଶତ୍ରୁ)ର ମୁକାବିଲା କର, ଆମେ ଏଠାରେ ବସି ରହିବୁ ବରଂ **ଆମେ କହୁଅଛୁ କି ଆପଣ ଯେଉଁସ୍ଥାନକୁ ଯିବାକୁ ଚାହୁଁଛନ୍ତି ବାହାରନ୍ତୁ ଆମେ ଆପଣଙ୍କ ସାଥିରେ ଅଛୁ । ଆମେ ଆପଣଙ୍କ ଦକ୍ଷିଣ ପାର୍ଶ୍ୱରେ, ଆପଣଙ୍କ ବାମ ପାର୍ଶ୍ୱରେ, ଆପଣଙ୍କ ସମ୍ମୁଖରେ ତଥା ପଛରେ ରହି (ଶତ୍ରୁ) ସହ ଲଢିବୁ ।** ଏହି ଅଭିଭାଷଣ ଶୁଣିବା ପରେ ଆପଣଙ୍କ ପବିତ୍ର ମୁଖ ମଣ୍ଡଳ ଆନନ୍ଦରେ ଝଟକି ଉଠିଲା । କିନ୍ତୁ ଏହି ଅବସରରେ ମଧ୍ୟ ଆପଣ ସ:ଆ:ସ ଅନ୍‌ସାରମାନଙ୍କ ଠାରୁ ଉତର ପାଇବା ପାଇଁ ଅପେକ୍ଷାରେ ଥିଲେ । ଏବଂ ଏକଥା ଚାହୁଁଥିଲେ ଯେ ସେମାନେ ମଧ୍ୟ କିଛି କୁହନ୍ତୁ । କାରଣ ଆପଣ ସ:ଆ:ସଙ୍କର ଏ ଖିଆଲ୍ ଥିଲା ଯେ ବୋଧହୁଏ ଅନ୍‌ସାର୍‌ମାନେ ଏକଥା ଭାବୁଥିବେ ଯେ ବୟତେ ଉକ୍‌ବା ଅନ୍ତର୍ଗତ ଆମର କର୍ତବ୍ୟ କେବଳ ଏତିକି ଯେ ଯଦି ମଦିନା ଉପରେ କିଏ ଆକ୍ରମଣ କରେ ତେବେ ଆମେ ତାର ପ୍ରତିରକ୍ଷା କରିବୁ । ସୁତରାଂ ମୁହଜିର୍ ସାହାବାମାନେ କରିବା ସତ୍ୱେ ମଧ୍ୟ ଆପଣ ସ:ଆ:ସ ଏକଥା କହି ଚାଲିଥିଲେ ଯେ ଠିକ୍ ଅଛି ମୋତେ ପରାମର୍ଶ ଦିଅ ଯେ କଣ କରାଯିବ । ସାଆଦ୍ ବିନ୍ ମାଆଜ୍ ର:ଅ ଯିଏ ଅଓସ୍ କବିଲାର ସର୍ଦ୍ଦାର ଥିଲେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଦ୍ଦେଶ୍ୟକୁ ବୁଝିନେଲେ ଏବଂ ଅନ୍‌ସାର୍‌ମାନଙ୍କ ତରଫରୁ ଏକଥା କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ବୋଧହୁଏ ଆପଣ ଆମଠାରୁ ପରାମର୍ଶ ଚାହୁଁଛନ୍ତି । ଈଶ୍ୱରଙ୍କ ରାଣ ! ଯେବେ ଆମେ ଆପଣଙ୍କୁ ସଚ୍ଚା ଜାଣି ଆପଣଙ୍କ ଉପରେ ବିଶ୍ୱାସ ନେଇ ଆସିଛୁ ତେବେ ଆମେ ନିଜର ହାତକୁ ଆପଣଙ୍କ ହାତ ଉପରେ ରଖିଦେଇଛୁ । ସୁତରାଂ ଏବେ ଆପଣ ଯେଉଁଠାକୁ ଯିବାକୁ ଚାହାଁନ୍ତି ଚାଲନ୍ତୁ । ଆମେ ଆପଣଙ୍କ ସାଥିରେ ଅଛୁ ଓ ମୋତେ ତା ରାଣ ଯିଏ ଆପଣଙ୍କୁ ସତ୍ୟ ସହିତ ପ୍ରକଟ କରିଛନ୍ତି । ଯଦି ଆପଣ ଆମକୁ ସମୁଦ୍ର ଭିତରକୁ ଡିଆଁ ମାରିବାକୁ କହିବେ ତେବେ ଆମେ ଡେଇଁପଡିବୁ ଓ ଆମମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ପଛରେ ରହିବ ନାହିଁ ଏବଂ ଆପଣ ଇନ୍‌ଶାଅଲ୍ଲାଃ ଆମକୁ ଯୁଦ୍ଧକ୍ଷେତ୍ରରେ ଧୈର୍ଯ୍ୟବାନ୍ ପାଇବେ ଏବଂ ଆମ ନିକଟରୁ ଏପରି କଥା ଦେଖିବାକୁ ପାଇବେ ଯାହା ଆପଣଙ୍କ ଆଖିକୁ ଶୀତଳ କରିଦେବ । ଆପଣ ସ:ଆ:ସ ଯେତେବେଳେ ଏହି ଭାଷଣକୁ ଶୁଣିଲେ ବହୁତ ଖୁସି ହୋଇଗଲେ ଓ କହିଲେ:-

***ସିରୁ ୱବ୍‌ଶିରୁ ଫଇନ୍ନଲ୍ଲାହା କଦ୍ ୱଆଦନି ଇହିଦତ୍ ତାଇଫତୈନେ ୱଲ୍ଲାହି ଲକଅନ୍ନି ଅନ୍‌ଜୁରୁ ଇଲା ମସାରିଇଲ୍ କୌମ୍*** ଅର୍ଥାତ୍ ତେବେ ପୁଣି ଅଲ୍ଲାଃଙ୍କ ନାମ ଉଚ୍ଚାରଣ କରି ଆଗକୁ ବଢ଼ ଓ ଖୁସି ହୋଇଯାଓ କାରଣ ଅଲ୍ଲାଃ ମୋତେ ପ୍ରତିଶୃତି ଦେଇଛନ୍ତି ଯେ କୁଫାର୍ ମାନଙ୍କର ସେହି ଦୁଇଟି ଦଳ ଅର୍ଥାତ୍ ସେନା ବା କାଫିଲା ଯାହା ଅଛି ସେମାନଙ୍କ ମଧ୍ୟରୁ କୌଣସି ଏକ ଦଳ ଉପରେ ସେ ଆମକୁ ନିଶ୍ଚିତ ରୂପେ ବିଜୟ ପ୍ରଦାନ କରିବ ଏବଂ ଖୁଦାଙ୍କ ରାଣ ! ମୁଁ ସେବେଠାରୁ ସେହି ସ୍ଥାନକୁ ଦେଖୁଅଛି ଯେଉଁଠି ଶତ୍ରୁମାନଙ୍କ ଲୋକେ ହତ୍ୟା ହୋଇ ପଡିବେ । (ସିରତ୍ ଖାତମୁନ୍ ନବିଇନ୍, ପୃଷ୍ଠା-୩୫୪-୩୫୫)

ହଜରତ ମିକଦାଦ୍ ବିନ୍ ଉମରୋ ବଦର ଯୁଦ୍ଧରେ ପ୍ରଥମ ଅଶ୍ୱାରୋହି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ଘୋଡାର ନାମ ସବ୍‌ହା ଥିଲା । ଆଉଗୋଟିଏ ରିୱାୟତ୍ ମୁତାବକ ବଦର୍ ଯୁଦ୍ଧରେ ମୁସଲ୍‌ମାନଙ୍କ ନିକଟରେ ଦୁଇଟି ଘୋଡା ଥିବାର ଉଲ୍ଲେଖ ଅଛି । ହଜ୍‌ରତ୍ ଅଲ୍ଲୀ ର:ଅ କହୁଛନ୍ତି ଯେ ବଦର୍ ଯୁଦ୍ଧ ଦିନ ଆମ ନିକଟରେ ଦୁଇଗୋଟିଏ ଘୋଡା ଥିଲେ । ଗୋଟିଏ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କର ଥିଲା ଓ ଦ୍ୱିତୀୟଟି ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ର:ଅଙ୍କର ଥିଲା । ଇବ୍‌ନେ ହୁଶାମ୍‌ଙ୍କ ମୁତାବକ ବଦର୍ ଯୁଦ୍ଧ ଦିନ ମୁସଲ୍‌ମାନ୍‌ମାନଙ୍କ ନିକଟରେ ତିନୋଟି ଘୋଡା ଥିଲେ । ହଜ୍‌ରତ୍ ମରସଦ୍ ବିନ୍ ଅବୁ ମରସଦ୍ ର:ଅଙ୍କ ନିକଟରେ ଗୋଟିଏ ଘୋଡା ଥିଲା ଓ ତାର ନାମ ସବଲ୍ ଥିଲା । ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅମ୍‌ରୋଙ୍କ ନିକଟରେ ଯେଉଁ ଘୋଡାଟି ଥିଲା ତା'ର ନାମ ବାଜଜା ଅବା ଏବଂ ସବ୍‌ହା ଥିଲା । ଏବଂ ହଜ୍‌ରତ୍ ଜୁବୈ ବିନ୍ ଅୱାମ ର:ଅଙ୍କ ନିକଟରେ ଯେଉଁ ଘୋଡାଟି ଥିଲା ତାହାର ନାମ ୟାସୁବ୍ ଥିଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୮୬.... ବେରୁତ୍ ଲେବ୍‌ନାନ୍ ୧୯୯୬) (ଦଲାଇଲୁଲ୍ ନବୁୱାଃ ୱଲିଲ୍ ବେହ୍‌କି, ଖଣ୍ଡ-୩, ପୃଷ୍ଠା-୩୯, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ଲେବ୍‌ନାନ୍ ୨୦୦୨) (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍ ପୃଷ୍ଠା-୪୫୨.... ବେରୁତ୍ ଲେବ୍‌ନାନ୍ ୨୦୦୧)

ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି ବଦର ଯୁଦ୍ଧ ସମୟରେ ମୁସଲମାନମାନଙ୍କ ନିକଟରେ କେବଳ ଦୁଇଟି ଘୋଡ଼ା ଥିଲା । କେତେକ ପୁସ୍ତକରେ ଯେପରିକି ମୁଁ କହିସାରିଛି ତିନୋଟିର ମଧ୍ୟ ଉଲ୍ଲେଖ ଅଛି ଓ ଆଉ କେତେକ ପୁସ୍ତକରେ ପାଂଚଟି ଘୋଡା ଥିବାର ଲେଖା ମିଳୁଛି । (ସିରତ୍ ଖାତମୁନ୍ ନବୀଇନ୍ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏମ୍.ଏ, ପୃଷ୍ଠା-୩୫୩) (ଶରହ୍ ଜରକାନି ଅଲଲ୍ ମୱାହିବ୍..... ଖଣ୍ଡ-୨,

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

ପୃଷ୍ଠା-୨୬୦... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୬) (ସିରତୁଲ୍ ହଲବିୟା, ଖଣ୍ଡ-୨, ପୃଷ୍ଠା-୨୦୫.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)

ସେ ଯାହାହେଉ ଦୁଇଟି ଘୋଡା ଥିଲେ ବା ତିନୋଟି ଥିଲେ ଅବା ପାଂଚୋଟି ଥିଲେ । କିନ୍ତୁ ଏହା ପ୍ରମାଣିତ କଥା ଯେ ମୁସଲମାନମାନଙ୍କ ଯୁଦ୍ଧ ଉପକରଣ ଓ ଅମାନ୍ୟକାରୀଙ୍କ ଉପକରଣ ମଧ୍ୟରେ କୌଣସି ପ୍ରକାର ସମାନତା ନଥିଲା । ତଥାପି ଶତ୍ରୁର ମୁକାବିଲାରେ ଯେତେବେଳେ ଅନସାର୍ ଓ ମୁହାଜରିନ୍ ଯେଉଁ ପ୍ରତିଶୃତି କରିଥିଲେ ତାହାକ ସେମାନେ ପୂରଣ କରି ଦେଖାଇଲେ ।

ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅମ୍‌ରୋ କନ୍ଦି କବିଲା ବନୁ ଜୁହ୍‌ରା ର:ଅ ମିତ୍ର ଥିଲେ ଏବଂ ସେହି ଲୋକମାନଙ୍କ ମଧ୍ୟରୁ ଥିଲେ ଯେଉଁମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଏକଦା ହଜରତ ମିକଦାଦ୍ ହଜୁର ସ.ଆଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ! ଯଦି ମୋର କୌଣସି ଅମାନ୍ୟକାରୀ ସହ ମୁହାଁମୁହିଁ ହୋଇଯାଏ ଏବଂ ସେ ମୋର ଏକ ହସ୍ତ ଛେଦ କରି ବୃକ୍ଷ ଆଢୁଆଳରେ ଲୁଚିଯାଏ ଏବଂ କୁହେ କି ମୁଁ ଇସଲାମ ଧର୍ମ ସ୍ୱୀକାର କରୁଅଛି । ତେବେ କ'ଣ ମୁଁ ତାହା ଉପରେ ଆକ୍ରମଣ କରି ତାକୁ ହତ୍ୟା କରିପାରିବି । ହଜୁର ସ.ଅ ଉତର ଦେଲେ ତାହାର ଏପରି ସ୍ୱୀକାରୋକ୍ତି ପରେ ତୁମର ତାହା ଉପରେ ଆକ୍ରମଣ କରିବା ଅନୁଚିତ । ହଜରତ ମିକଦାଦ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ ସେ ମୋର ଗୋଟିଏ ହସ୍ତ ଛେଦ କରି ଦେଇଛି । ହଜୁର ସ.ଅ କହିଲେ ତୁମେ ତାହାକୁ ହତ୍ୟା କର ନାହିଁ କାରଣ **ଯଦି ତୁମେ ତାହାକୁ ହତ୍ୟା କର ତେବେ ସେ ତୁମ ସ୍ଥାନ ହାସଲ କରିନେବ ଯାହାକି ତୁମେ ତାହାକୁ ହତ୍ୟା କରିବା ପୂର୍ବରୁ ଅର୍ଜନ କରିଛ ଅର୍ଥାତ ବିଶ୍ୱାସର ସ୍ତର ଏବଂ ତୁମେ ତା'ସ୍ଥାନକୁ ଚାଲିଯିବ ଯାହାକି ତାହାକୁ କଲମା ପଢିବା ପୂର୍ବରୁ ହାସଲ ଥିଲା ।** (ସହି ବୁଖାରୀ କିତାବୁଲ୍ ମଗାଜି ବାବ୍:୧୨, ହଦିସ୍ ୪୦୧୯)

ତେବେ ଏହା ଏକ ଆନୁମାନିକ କଥା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୁଖରେ ଉପସ୍ଥାପନ କଲେ ଯେ ଏପରି ହୋଇପାରେ ଯେ ସେ ମୋର ହାତକୁ କାଟିଦେବ ଓ ପୁଣି ଗଛ ପଛପଟେ ଲୁଚି ସେ କଲ୍‌ମା ପଢ଼ିନେବ ଓ ଅଲ୍ଲାଃତାଲାଙ୍କ ଖାତିର୍ କହିବ ଯେ ମୁଁ ମୁସଲ୍‌ମାନ୍ ହୋଇଯାଇଛି, ତେବେ କଣ ମଧ୍ୟ ମୁଁ ପ୍ରତିଶୋଧ ନେବି ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ନୁହେଁ ଯଦି ନେବ ତେବ ସେହି କାଫିର୍ ଜଣକ ମୋମିନ୍ ହୋଇଯିବ ଓ ତୁମେ ଇମାନ୍ ଆଣିବ ସତ୍ତ୍ୱେ ମଧ୍ୟ ସେହି କାଫିର୍‌ଙ୍କ ସ୍ଥାପରେ ଛିଡା ହେବ ।

ହଜୁର ଅନଓ୍ୱର ଅ.ବ କହିଲେ ଏହା ଅଟେ କଲମା ପାଠକାରୀର ସ୍ତର ଯାହାକି ଆମର ମୁନିବ ହଜରତ ମୁହମ୍ମଦ ସ.ଅ ଧାର୍ଯ୍ୟ କରିଛନ୍ତି । କିନ୍ତୁ ଆଜିକାଲିର ମୌଲବି ବୋଲାଉଥିବା ଏବଂ ଇସଲାମୀୟ ପ୍ରଶାସକଙ୍କ କାର୍ଯ୍ୟଶୈଳୀକୁ ଦେଖିନିଅନ୍ତୁ । ସମ୍ଭବତଃ ସେମାନେ ସ୍ୱୟଂ ଦେଖନ୍ତେ କି ଉକ୍ତ ହଦିସ୍ ମୁତାବକ ସେମାନେ କେଉଁ ସ୍ତରରେ ଛିଡ଼ା ହୋଇଛନ୍ତି, ମୋମିନ୍ ଅବା କାଫିର୍ ସ୍ତରରେ ?

ହଜୁର ଅନଓ୍ୱର ଅ.ବ କହିଲେ- ବନୁ ଫୁଜାରାଃ ଅଏନିୟା ବିନ୍ ହସନ ବନୁ ଗତଫାନ୍‌ର ଅଶ୍ୱାରୋହୀଙ୍କ ସାଥିରେ ମିସି ହଜୁର ସ.ଅଙ୍କ ଓଟ ଚୋରୀ କରିନେଲେ ଏବଂ ଓଟ ଜଗୁଆଳୀକୁ ହତ୍ୟା କରିଦେଲେ ସେତେବେଳେ ସଲମା ବିନ୍ ଅକୁ ସେମାନଙ୍କ ପିଛା କଲେ ଏବଂ ତାଙ୍କ ଉପରକୁ ତୀର ନିକ୍ଷେପ କଲେ । ହଜରତ ସଲମାଙ୍କ ସାହାଯ୍ୟ ମାଗିବା ଶବ୍ଦ ଶୁଣି ହଜୁର ସ.ଅ ମଦିନାରେ (ସାହାବାଙ୍କୁ ଏକତ୍ରିତ କରି) ଘୋଷଣା କଲେ, ଶତ୍ରୁର ମୁକାବିଲା ପାଇଁ ବାହାରି ପଡ଼ । ହଜୁର ସ.ଅଙ୍କର ଏହି ଘୋଷଣା ଶୁଣିବା ମାତ୍ରେ ସର୍ବପ୍ରଥମେ ଯେଉଁ ଅଶ୍ୱାରୋହୀ (ମୁକାବିଲା ପାଇଁ) ବାହାରିଥିଲେ ସେ ହଜରତ ମିକଦାଦ୍ ଥିଲେ । (ଶରହ୍ ଜରକାନି ଖଣ୍ଡ-୨, ପୃଷ୍ଠା-୧୬୬-୧୬୯....ବେରୁତ ୧୯୯୬) (ସିରତୁନ୍ ନବିଓ୍ୱିୟା ଲେ ଇବ୍‌ନେ ହୁସାମ୍, ଖଣ୍ଡ-୩-୪, ପୃଷ୍ଠା-୧୭୪-୧୭୫.... ବେରୁତ୍ ଲେବ୍‌ନାନ୍ ୨୦୦୮) (ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃଷ୍ଠା-୬୩.... ବେରୁତ୍ - ୧୯୯୦)

ହଜୁର ସ.ଅ ଯେତେବେଳେ ମକ୍କା ଅଧିକୃତ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ ସେତେବେଳେ ଉକ୍ତ ମାମଲାକୁ ଅତି ଗୁପ୍ତ ରଖାଯାଇଥିଲା । ସାହାବାମାନେ ଏହି ଅଭିଯାନକୁ ଯିବା ପାଇଁ ପ୍ରସ୍ତୁତ ଚଳାଇଥିବା ସତ୍ତ୍ୱେ ମଧ୍ୟ ଏକଥା ସର୍ବସାଧାରଣ ହୋଇ ନଥିଲା ଯେ ମକ୍କା ଆଡକୁ ଅଭିଯାନ କରାଯିବ । ସେହି ସମୟରେ ଜଣେ ବଦରୀ ସାହାବୀ ହଜରତ ହାତିବ ବିନ୍ ବଲତାଃ ନିଜର ସରଳତା ଓ ଭୋଳାପଣରେ ମକ୍କାରୁ ଆସିଥିବା ଜଣେ ମହିଳା ହାତରେ ଏକ ଗୁପ୍ତ ପତ୍ର ମକ୍କା ପ୍ରେରଣ କରିଦେଇଥିଲେ ଯେଉଁଥିରେ ମକ୍କା ଉପରେ ଆକ୍ରମଣ କରିବାର ସମସ୍ତ ଯୋଜନା ଲିପିବଦ୍ଧ ଥିଲା । ସେହି ମହିଳା ଉକ୍ତ ଚିଠିଟିକୁ ନେଇ ଚାଲିଗଲା । ଅଲ୍ଲାଃତାଲା ତାହାର ସୂଚନା ହଜୁର ସ.ଅଙ୍କୁ ପ୍ରଦାନ କଲେ । ବସ୍ତୁତଃ ହଜୁର ସ.ଅ ହଜରତ ଅଲି ର:ଅ ଙ୍କୁ, ଜୁବେର ଓ ହଜରତ ମିକଦାଦ୍‌ଙ୍କୁ ଉକ୍ତ ମହିଳାଙ୍କ ଠାରୁ ସେହି ପତ୍ର ହାସଲ କରିବା ନିମନ୍ତେ ପ୍ରେରଣ କଲେ । ହଜରତ ଅଲୀ କୁହନ୍ତି ହଜୁର ସ.ଅ କହିଲେ ରୋଜତାଃ ଖାଖ (ସ୍ଥାନ)ରେ ସେହି ମହିଳା ତୁମକୁ ମିଳିଯିବ । ଆମେ ତାଙ୍କ ନିକଟରେ ପହଂଚିଲୁ । ଆମେ ତାଙ୍କୁ କହିଲୁ ଚିଠିଟି ବାହାର କରିଦିଅ । ସେ କହିଲା ଯେ ମୋ ନିକଟରେ ତ କୌଣସି ଚିଠି ନାହିଁ । ଆମେ ତାକୁ କହିଲୁ ତୁମେ ନିଶ୍ଚିତ ରୂପେ ଚିଠିଟିକୁ ବାହାର କରିଦିଅ ନଚେତ୍ ତୁମର ବସ୍ତ୍ରକୁ ବାହାର କରିବାକୁ ପଡିବ । ଏହା ଫଳରେ ସେ ନିଜ ଚୁଟି ଭିତରୁ ସେହି ଚିଠିଟିକୁ ବାହାର କରିଦେଲା । ଏବଂ ତାହା ଠାରୁ ସେହି ପତ୍ର ସଂଗ୍ରହ କରି ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲୁ । ଯାହାକୁ ସେହି ସାହାବୀ ଜଣକ କାଫିର୍‌ମାନଙ୍କ ନିକଟକୁ ଲେଖିଥିଲେ । ସେ ତ ନିଜର ଅଜ୍ଞାନତା ଯୋଗୁ ଏହା ଲେଖିଦେଇଥିଲେ କିନ୍ତୁ ସେ ଯାହାହେଉ ମାମଲା ଯେହେତୁ କିଛିଟା ଗୁପ୍ତ ଆକାରରେ ଥିଲା ଯଦି ଏହା ପହଂଚିଥାଆନ୍ତା ସବୁକିଛି ରହସ୍ୟ ଖୋଲିଯାଇଥାଆନ୍ତା । ସେ ଯାହାହେଉ ଅଲ୍ଲାଃତାଲା ଖବର ଦେଇଦେଲେ ଓ ଚିଠିଟି ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପହଂଚିଗଲା । (ସହି ମୁସ୍‌ଲିମ୍ କିତାବ୍ ଫଜାଏଲୁଲ୍ ସାହାବା....ହଦିସ୍ ୨୪୯୪)

ମୁସା ବିନ୍ ୟାକୁବ୍ ନିଜ ଫୁଫି (ପିଉସୀ) ଏବଂ ନିଜ ମାଆଙ୍କ ଠାରୁ ରିଓ୍ୱାୟତ୍ କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ମିକ୍‌ଦାଦ୍‌ଙ୍କୁ ଖୈବରରେ ଅମଳ ହୋଇଥିବା ଶସ୍ୟ ମଧ୍ୟରୁ ପନ୍ଦର ଓ୍ୱସକ୍ ପ୍ରଦାନ କଲେ । ସେ ସବୁକୁ ଆମେ ମାଓ୍ୱିୟା ବିନ୍ ଅବୁ ସୁଫିଆନଙ୍କ ଜରିଆରେ ଏକ ଲକ୍ଷ ଦୀରହମ୍ ବଦଳରେ ବିକ୍ରି କରିଦେଇଥିଲୁ । (ତବକାତୁଲ୍ କୁବ୍‌ରା....ଖଣ୍ଡ-୩, ପୃଷ୍ଠା-୮୬.... ଲେବ୍‌ନାନ୍ ୧୯୯୬)

ଏହା ବାର୍ଷିକ ସ୍ଥାୟୀ ଆମଦାନୀ ଥିଲା । ହୋଇପାରେ ଯେ କିଛି ବର୍ଷର ଶସ୍ୟ ଅମଳ ଅବା ସ୍ଥାୟୀ ଅମଳକୁ ବିକ୍ରି କରିଦେଇଥିବେ । କାରଣ କେବଳ ଛଅ ମହଣ ବଦଳରେ ଏତେ ମାତ୍ରାରେ ଅର୍ଥ ମିଳିପାରିବ ନାହିଁ । ୟରମୁକ୍ ଯୁଦ୍ଧରେ ମଧ୍ୟ ହଜରତ ମିକଦାଦ୍ ର.ଅ ସାମିଲ ଥିଲେ । ଆପଣ ଉକ୍ତ ଯୁଦ୍ଧରେ କାରୀ (କୁରଆନ୍ ପାଠକାରୀ) ଥିଲେ । ରସୁଲୁଲ୍ଲାଃ ସ:ଆ:ସ ବଦର୍ ଯୁଦ୍ଧ ପରେ ଏହି କାର୍ଯ୍ୟଶୈଳୀ ଜାରି କରିଦେଇଥିଲେ ଯେ ଯୁଦ୍ଧ ସମୟରେ ସୁରଃ ଅନ୍‌ଫାଲ୍‌ର ଆବୃତି କରାଯାଉଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ପରେ ମଧ୍ୟ ଲୋକମାନେ ଏହା ଉପରେ ପରିଚାଳିତ ହେଉଥିଲେ । (ତାରିଖୁଲ୍ ତିବ୍‌ରି, ଖଣ୍ଡ-୪, ପୃଷ୍ଠା-୫୯....ବେରୁତ୍ ଲେବ୍‌ନାନ୍ - ୨୦୦୨)

ହଜୁର ସ.ଅ ଏକ ଯୁଦ୍ଧରେ ହଜରତ ମିକଦାଦ୍‌ଙ୍କୁ ସେନାଧକ୍ଷ ନିଯୁକ୍ତ କରିଥିଲେ । ଯେତେବେଳେ ସେ (ଯୁଦ୍ଧରୁ) ଫେରିଲେ ହଜୁର ସ.ଅ ତାଙ୍କୁ ପ୍ରଶ୍ନ କଲେ ହେ ଅବୁ ମାଅବଦ୍ ତୁମେ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 2-9 Jan 2020 Issue No. 1-2

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ଅଧ୍ୟକ୍ଷ ପଦଟିକୁ କିପରି ନିର୍ବାହ କଲ । ସେ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ ! ଯେତେବେଳେ ମୁଁ ଯୁଦ୍ଧସ୍ଥଳିକୁ ବାହାରିଲି ସେତେବେଳେ ମୋର ଅବସ୍ଥା ଏପରି ଥିଲା କି ମୁଁ ଅନ୍ୟ ଲୋକମାନଙ୍କୁ ନିଜର ଦାସ ମଣୁଥିଲି । ହଜୁର ସ.ଅ କହିଲେ ଅମିର ହେବା ଏହିପରି ମାତ୍ର ସେହ ବ୍ୟକ୍ତି ଛଡ଼ା ଯାହାକୁ ଅଲ୍ଲାଃତାଲା ନିଜ ସୁରକ୍ଷା ବଳୟ ମଧ୍ୟରେ ସ୍ଥାନ ଦେଇଥାନ୍ତି । ମିକଦାଦ୍ କହିଲେ ନିଃସନ୍ଦେହ ଏହା ହିଁ ସତ୍ୟ । ସେହି ସର୍ବଶକ୍ତିମାନଙ୍କ ରାଣ ଯେ ଆପଣଙ୍କୁ ସତ୍ୟତାର ସହ ନିଜର ଦୂତ କରି ପ୍ରେରଣ କରିଛନ୍ତି, **ମୁଁ ଦୁଇ ଜଣ ବ୍ୟକ୍ତିଙ୍କ ତତ୍ତ୍ୱାବଧାରକ ହେବାକୁ ମଧ୍ୟ ପସନ୍ଦ କରେ ନାହିଁ । (ଅଲ୍ ଅସାବା.... ଖଣ୍ଡ-୬, ପୃଷ୍ଠା-୨୦୭-୨୦୮.... ବେରୁତ୍ ଲେବ୍‌ନାନ୍ ୨୦୦୫)**

ମୋତେ ଏହା ଏକ ପ୍ରକାର ଅନୁଭବ ହୋଇଗଲା ଓ ଏଥିରେ ମୁଁ ଦେଖିଲି ଯେ ମୋତେ ଏପରି ଅନୁଭବ ହେଉଛି କି ସମସ୍ତେ ହେଉଛି ମୋର ଗୁଲାମ୍ । ମୁଁ ତା'ପରେ ଏକଥାରେ ଉପନୀତ ହେଲି ଯେ ମୋତେ ତ ଏହା ପସନ୍ଦ ନୁହେଁ ଯେ କେବେ ଦୁଇଜଣ ଲୋକମାନଙ୍କ ମଧ୍ୟରେ ମୁଁ ନେଗ୍‌ରାନ୍ ଅର୍ଥାତ୍ ଅଧ୍ୟକ୍ଷ ହେବି ।

ହଜୁର ଅନଓ୍ୱର ଅ.ବ କହିଲେ ତାହା ଧର୍ମପରାୟଣତାର ସ୍ତର ଥିଲା କି ଅଧ୍ୟକ୍ଷ ହେଲେ ମନରେ ଗର୍ବ ହେବାର ଆଶଙ୍କା ବଢିଯାଇଥାଏ । ତେଣୁ ମୁଁ ପସନ୍ଦ କରୁ ନାହିଁ କି ମାତ୍ର ଦୁଇ ଜଣ ମଧ୍ୟ ମୋର ଅଧିନ ହୁଅନ୍ତୁ । **ସୁତରାଂ ଆମର ସମସ୍ତ ଅଧିକାରୀମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ ପ୍ରଥମତଃ ଉଚ୍ଚ ପଦର କଦାପି କାମନା ହିଁ କରିବା ଉଚିତ୍ ନୁହେଁ ଏବଂ ଯଦି (ଉଚ୍ଚ) ପଦରେ ନିଯୁକ୍ତ ହୁଅନ୍ତି ତେବେ ଅଲ୍ଲାଃଙ୍କ ଠାରୁ ସେହି ପଦର କୁପରିଣତିରୁ ଦୁଆ ମାଗିବା କି କଦାପି ମନରେ ଗର୍ବ ଭାବନା ଉତ୍ପର୍ଣ୍ଣ ନହେଉ ତଥା ତାଙ୍କ କୃପା ଭିକ୍ଷା କରିବା ଉଚିତ୍ ।**

ହଜରତ ମିକଦାଦ୍ ହମସ୍ (ଅଂଚଳ) ଘେରାଉ କରିବା ବେଳେ ହଜରତ୍ ଅବୁ ଉବୈଦାଃ ବିନ୍ ଜରାହ୍‌ଙ୍କ ସାଥିରେ ଥିଲେ । ତାରିଖୁଲ୍ ତିବ୍‌ରି, ଖଣ୍ଡ-୪, ପୃଷ୍ଠା-୧୮୫.....ଲେବ୍‌ନାନ୍ ୨୦୦୨)

ହଜରତ ମିକଦାଦ୍ ମିଶର ବିଜୟ ସମୟରେ ମଧ୍ୟ ସାମିଲ ଥିଲେ । (ଅଲ୍ ଇସ୍‌ତିଆବ୍ ଫି ମାରେଫତି ସାହାବା, ଖଣ୍ଡ-୪, ପୃଷ୍ଠା-୪୩... ବେରୁତ୍ ଲେବ୍‌ନାନ୍ ୨୦୦୨)

୨୦ ହିଜ୍‌ରିରେ ଯେତେବେଳେ ମିଶର୍ ଉପରେ ସେନା ସ୍ଥାପନ କରାଗଲା ଏବଂ ହଜ୍‌ରତ୍ ସେନାଧ୍ୟକ୍ଷ ଅମ୍‌ରୋ ବିନ୍ ଆସ୍ ର:ଅ ଖିଲାଫତ୍‌ର ଦରବାରରୁ ଆହୁରି ଅଧିକା ସେନା ତଲବ କଲେ । ଏଥିରେ ହଜ୍‌ରତ୍ ଉମର୍ ର:ଅ ୧୦ ହଜାର ସିପାହୀକୁ ୪ଜଣ ଅଫିସର୍‌ଙ୍କ ନେତୃତ୍ୱରେ ତାଙ୍କୁ ସାହାଯ୍ୟ କରିବା ପାଇଁ ପଠାଇଲେ । ସେହି ୪ଜଣଙ୍କ ମଧ୍ୟରୁ ଜଣେ ହଜ୍‌ରତ୍ ମିକ୍‌ଦାଦ୍ ର:ଅ ମଧ୍ୟ ଥିଲେ । ପୁଣି ଲେଖାଅଛି ଯେ ସେହି ଅଫିସର୍‌ମାନଙ୍କ ମଧ୍ୟରୁ ପ୍ରତ୍ୟେକ ଶତ୍ରୁମାନଙ୍କ ପକ୍ଷର ଏକ ହଜାର ସିପାହୀଙ୍କ ବରାବର ଥିଲେ । ସୁତରାଂ ବାସ୍ତବରେ ଏହି ସେନାଦଳ ପହଂଚିବା କ୍ଷଣି ଯୁଦ୍ଧର ପରିସ୍ଥିତି ଏକ୍‌ଦମ୍ ପରିବର୍ତନ ହୋଇଗଲା ଓ ଅଳ୍ପ ସମୟ ମଧ୍ୟରେ ସେହି ଫିରୋନ୍‌ର ଭୂମି ଏକେଶ୍ୱରବାଦରେ ପରିବର୍ତନ ହୋଇଗଲା । (ସିରସ୍ ସାହାବା, ଖଣ୍ଡ-୨, ପୃଷ୍ଠା-୨୮୬.... କରାଚି ୨୦୦୪)

ଜୁବୈର୍ ବିନ୍ ନୁଫୈର୍ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମକ୍‌ଦାଦ୍ ବିନ୍ ଅସ୍‌ଓ୍ୱଦ୍ ର:ଅ ଆମ ନିକଟକୁ କୌଣସି କାର୍ଯ୍ୟ ସମ୍ବନ୍ଧରେ ଆସି ପହଂଚିଲେ । ଆମେ ତାଙ୍କୁ କହିଲୁ ଅଲ୍ଲାଃତାଲା ଆପଣଙ୍କୁ ସ୍ୱାସ୍ଥ୍ୟ ଏବଂ ସଲାମତି ପ୍ରଦାନ କରନ୍ତୁ । ଆପଣ ଏଠାରେ ବସନ୍ତୁ, ଆମେ ଆପଣଙ୍କର କାମ କରିଦେବୁ । ଏଥିରେ ସେ କହିଲେ ଏ ଜାତିର ଅବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ଆସୁଥିବା ସମୟରେ କେତେକଙ୍କୁ ଫିତ୍‌ନା କରିବାର ଆଶା ରଖିଥିବାର ଦେଖିବାକୁ ପାଇଲି । ସେମାନେ ଏ ଆଶା ପୋଷଣ କରୁଥିଲେ ଯେ ଅଲ୍ଲାଃତାଲା ସେମାନଙ୍କୁ ନିଶ୍ଚିତ ରୂପେ ସେହିପରି ପରୀକ୍ଷ କରିବ ଯେପରି ସେ ନିଜ ରସୁଲ୍ ସ:ଆ:ସ ଓ ତାହାଙ୍କ ସାହାବାମାନଙ୍କୁ ପରୀକ୍ଷା କରିଥିଲେ । ଜବିର ବିନ୍ ନଫିର ବର୍ଣ୍ଣନା କରନ୍ତି ହଜରତ ମିକଦାଦ୍ ଆମ ନିକଟକୁ ଆସିଲେ ଏବଂ କହିଲେ ଅଲ୍ଲାଃଙ୍କ ରାଣ ମୁଁ ହଜୁର ସ.ଅଙ୍କୁ ଏହା କହିବାର ଶୁଣିଛି **ଭାଗ୍ୟବାନ ସେ ଯେ ବିଶୃଙ୍ଖଳାରୁ ବର୍ତି ଗଲା ଏକଥା ଆଁ ହଜ୍‌ରତ୍ ସ:ଆ:ସ ତିନିଥର କହିଛନ୍ତି ଏବଂ (ଉପଦେଶ ପୂର୍ବକ) ହଜୁର ସ.ଅ ଆହୁରି କହିଛନ୍ତି କି ଯଦି କୌଣସି ସଙ୍କଟ ଆସେ ତେବେ ଧୈର୍ଯ୍ୟ ରକ୍ଷା କରିବା ଉଚିତ୍ ।** (ଅଲ୍ ମୁଅଜମୁଲ୍ କବୀର୍ ଲିଲ୍ ତିବ୍‌ରାନୀ, ଖଣ୍ଡ-୨୦, ପୃଷ୍ଠା-୨୫୨-୨୫୩.... ବେରୁତ)

ଅର୍ଥାତ୍ କୌଣସି ବିଶୃଙ୍ଖଳା ଓ ବିଭ୍ରାଟ ଅର୍ଥାତ୍ କୌଣସି ପ୍ରକାର ପରୀକ୍ଷା ଓ କଠୋର ପରିସ୍ଥିତି ପାଇଁ ପ୍ରାର୍ଥନା କରିବା ଉଚିତ୍ ନୁହେଁ ନା ଏଭଳି ଅଭିଳାଶା ରଖିବା ଉଚିତ୍ । କିନ୍ତୁ ଯଦି ଏହିଭଳି ପରୀକ୍ଷା ଆସିଯାଏ ସେତେବେଳେ ପୁଣି ଧୈର୍ଯ୍ୟ ଦେଖାଇବା ଉଚିତ୍ ଓ ଦୃଢ଼ୋପଦ ରଖିବା ଉଚିତ୍ । କୌଣସି ପ୍ରକାରର କାପୁରୁଷ ପଣିଆ ଦେଖାଇବା ଠିକ୍ ନୁହେଁ ।

ହଜ୍‌ରତ୍ ମିକ୍‌ଦାଦ୍‌ଙ୍କର ଶରୀର ବହୁତ ଭାରି ଓ ମୋଟା ଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ସେ ଜିହାଦ୍ କରିବା ପାଇଁ ବାହାରି ପଡୁଥିଲେ । ଏକଦା କୌଣସି ବଣିଆଙ୍କ ସିନ୍ଦୁକ ନିକଟରେ ବସିଥିଲେ । ସେତେବେଳେ ହଜ୍‌ରତ୍ ମିକ୍‌ଦାଦ୍ ସେହି ସିନ୍ଦୁକଠାରୁ ମଧ୍ୟ ବଡ ଦେଖାଯାଉଥିଲେ । ଏହା ଦେଖି କେହିଜଣେ ଅଲ୍ଲାଃତାଲା ଆପଣଙ୍କୁ ଜିହାଦ୍ କରିବାରୁ ବଂଚିତ ରଖିଛନ୍ତି । ବହୁତ ମୋଟା ଲୋକ ଥିଲେ ଓ ଯେପରିକି ତାଙ୍କ ଝିଅ ଏକଥା ବତାଇଛନ୍ତି ଯେ ତାଙ୍କର ପେଟ ବହୁତ ବଡ ଥିଲା । ଏଥିରେ ହଜ୍‌ରତ୍ ମିକ୍‌ଦାଦ୍ ଏ ଉତର ଦେଲେ ଯେ ମୋ ଉପରେ ସୁରଃ ବହୁସ୍ (ବହୁସ୍ ସୁରା ତୌବାର ଦ୍ୱିତୀୟ ନାମ ଅଟେ କାରଣ ଏହି ସୁରାରେ ମୁନାଫିକ୍‌ମାନଙ୍କର ରହସ୍ୟକୁ ଉନ୍ମୋଚନ କରିଦିଆଯାଇଛି) ସେ କହୁଛନ୍ତି ମୋତେ ଏ ସୁରା ନିର୍ଦ୍ଦେଶ ଦେଇଛି ଯେ ***ଇନ୍‌ଫିରୁ ଖିଫାଫନ୍ ଓ୍ୱ ସିକାଲା*** (ତୌବା:୪୧) ଅର୍ଥାତ୍ ଜିହାଦ୍ କରିବା ପାଇଁ ବାହାରିପଡ ତାହା ହାଲ୍‌କା ହେଉ ବା ଭାରି ହେଉ । (ଅହ୍‌କାମୁଲ୍ କୁର୍‌ଆନ୍ ଲେ ଇବ୍‌ନେ ଆରବୀ, ଖଣ୍ଡ-୨, ପୃଷ୍ଠା-୪୪୪.... ଲେବ୍‌ନାନ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୮୭.... ଲେବ୍‌ନାନ୍ ୧୯୯୬)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଖିଫାଫନ୍ ଓ୍ୱ ସିକାଲନ୍‌ର ବ୍ୟାଖ୍ୟା ଏପରି ବର୍ଣ୍ଣନା କରିଛନ୍ତି ଯେ ଏହି ଆୟତ୍‌ରେ ମୁସଲ୍‌ମାନ୍‌ଙ୍କୁ ତାଗିଦ୍ କରାଯାଇଛି ଯେ ଖୁଦାମ୍‌ଙ୍କ ମାର୍ଗରେ ଜିହାଦ୍ କରିବା ପାଇଁ ବାହାରିପଡ ଓ କୌଣସି ପ୍ରକାର ଅସୁବିଧା ସେମାନଙ୍କ ରାସ୍ତାରେ ଆସିବା ଉଚିତ୍ ନୁହେଁ । ଖିଫାଫନ୍ ଓ୍ୱ ସିକାଲନ୍‌ର ଅନେକ ଅର୍ଥ ରହିଛି ଅର୍ଥାତ୍ ତୁମେ ବୃଦ୍ଧ ବା ଯୁବକ, ଏକୁଟିଆ ବା ଦଳବଦ୍ଧ, ପାଦରେ ଯାତ୍ରା କରୁଥାଓ ବା ବାହାନ ସାହାଯ୍ୟରେ । ତୁମ ନିକଟରେ ହତିଆର ଯଥେଷ୍ଟ ଥାଉ ବା ନଥାଉ, ଖୋରାକ୍ ଯଥେଷ୍ଟ ଥାଉ ବା ନଥାଉ । (ଦୋରୁସ୍ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍.... ରେଜିଷ୍ଟର୍ ନଂ-୩୬, ପୃଷ୍ଠା-୧୦୦୬)

ହଜ୍‌ରତ୍ ମିକ୍‌ଦାଦ୍ ର:ଅ ଏହି ଆୟତରୁ ଯେହେତୁ ଅନେକ ଅର୍ଥ ବାହାର କରୁଥିଲେ ତେଣୁ ସେ ସେଥିରୁ ଶରୀର ହାଲ୍‌କା ହେବା ବା ଭାରି ହେବା ଅର୍ଥରେ ନିଜର ଜିହାଦ୍ କରିବାର ସଉକ୍‌କୁ ପରିପ୍ରକାଶ କରିଛନ୍ତି ।

ହଜରତ ମିକଦାଦ୍ ର.ଅଙ୍କ ପେଟ ବେଶ୍ ବଡ଼ ଥିଲା । ତାଙ୍କର ଜଣେ ରୋମି ଦାସ ତାଙ୍କୁ କହିଲେ ମୁଁ ଆପଣଙ୍କ ପେଟ କାଟି ଚର୍ବି ବାହାର କରିଦେବି । (ସେ ସମୟରେ ଜାହା କିଛି ଅପରେସନ କରିବାର ତରିକା ପ୍ରଚଳନ ଥିଲା) ଅତଏବ ସେ ହଜରତ ମିକଦାଦ୍‌ଙ୍କ ପେଟର ଅସ୍ତ୍ରୋପଚାର କରି ସେଥିରୁ ଚର୍ବି ବାହର କରିଦେଲେ କିନ୍ତୁ ସେହି କାରଣରୁ ହିଁ ତାଙ୍କର ଦେହାନ୍ତ ଘଟିଲା । ହଜୁର ଅନଓ୍ୱର ର:ଅ କହୁଛନ୍ତି କୌଣସି ପ୍ରକାର ସଂକ୍ରମଣ ଇତ୍ୟାଦି ହୋଇଯାଇଥିବା ତେଣୁ ସେ ଠିକ୍ ହୋଇପାରିଲେ ନାହିଁ । ସେ ଯାହା ହେଉ ସେହି ଗୁଲାମ ଜଣକ ଏପରି ଅବସ୍ଥାକୁ ଦେଖି ସେଠାରୁ ପଳାୟନ କରି ଚାଲିଗଲା *(ଅଲ୍‌ଅସାବା ଫିତମିଜି ସାହାବା ଖଣ୍ଡ-୬, ପୃ-୧୬୧ ଦାରୁଲ୍ କୁତବୁଲ୍ ଇଲମିୟା ବେରୁତ ଲେବ୍‌ନାନ୍ ୨୦୦୫)*

କିନ୍ତୁ ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ମିକଦାଦ୍‌ଙ୍କ ଦୁହ୍‌ନୁଲ୍ ଖରୁଃ ଅର୍ଥାତ କେସ୍‌ଟ୍ରାଇଲ୍ ପାନ କରିବା ଯୋଗୁଁ ହୋଇଥିଲା ଅବୁ ଫାଇଦ୍ ବର୍ଣ୍ଣନା କରନ୍ତି କି ହଜରତ ମିକଦାଦ୍‌ଙ୍କର ପୁତ୍ରି କରିମା କୁହନ୍ତି ତାଙ୍କର ଦେହାନ୍ତ ମଦିନାଠାରୁ ତିନି ମିଲ୍ ଦୂରରେ ଅବସ୍ଥିତ ଜର୍ଫ ସ୍ଥାନରେ ହୋଇଥିଲା । ସେଠାରୁ ତାଙ୍କ ମର ଶରୀରକୁ ଲୋକମାନେ କାନ୍ଧରେ ଉଠାଇ ମଦିନା ଆଣିଥିଲେ । ହଜରତ ଉସମାନ ର.ଅ ତାଙ୍କର ନମାଜ ଜନାଯାଃ ପାଠ କରାଇ ଜନ୍ନତୁଲ୍ ବକିରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ । ୩୩ ହିଜ୍‌ରି ରେ ହଜରତ ମିକ୍‌ଦାଦ୍ ର:ଅଙ୍କର ଦେହାନ୍ତ ହୋଇଥିଲା ମୃତ୍ୟୁ ବେଳକୁ ତାଙ୍କର ବୟସ ୭୦ ବର୍ଷ ବା ତା' ପାଖାପାଖି ଥିଲା । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୮୭....... ବେରୁତ ଲେବ୍‌ନାନ୍ ୧୯୯୬)*

ଇବ୍‌ନେ ବୁରୈଦା ନିଜ ବାପାଙ୍କଠାରୁ ରିଓ୍ୱାୟତ କରୁଛନ୍ତି ଯେ, ସେ ଏକଥା ବର୍ଣ୍ଣନା କରୁଛନ୍ତି କି, ହଜରତ ମୁହମ୍ମଦ ସ.ଅ କହିଲେ- ଅଲ୍ଲାଃତାଲା ମୋତେ ଚାରିଜଣ ବ୍ୟକ୍ତିଙ୍କୁ ପ୍ରେମ କରିବାର ଆଦେଶ ଦେଇଛନ୍ତି । ଏବଂ ମୋତେ ସୂଚନା ମିଳିଛି କି ଅଲ୍ଲାଃ ମଧ୍ୟ ସେମାନଙ୍କୁ ପ୍ରେମ କରୁଛନ୍ତି । ପ୍ରଶ୍ନ କରାଗଲା କି ହେ ଅଲ୍ଲାଃଙ୍କ ରସୁଲ ! ସେହି ଭାଗ୍ୟବାନ ବ୍ୟକ୍ତିଗଣ କିଏ ହଜୁର ସ.ଅ କହିଲେ ଅଲି, ଅବୁ ଜର, ସଲମାନ ଓ ମିକଦାଦ୍ ର:ଅ । *(ସୁନନେ ଇବ୍‌ନେ ମାଜା..... ହଦୀସ୍ ୧୪୯)*

ହଜରତ ଅଲୀ ବର୍ଣ୍ଣନା କରନ୍ତି କି ନବୀ କରିମ ସ.ଅ କହିଲେ ପ୍ରତ୍ୟେକ ନବୀଙ୍କୁ ସାତ ସାତ ଜଣ ସାଥି ପ୍ରଦାନ କରାଯାଇଛନ୍ତି । କିନ୍ତୁ ମୋତେ ୧୪ଜଣ ସାଥି ପ୍ରଦାନ କରାଯାଇଛି । ଆମେ ପ୍ରଶ୍ନ କଲୁ ସେମାନେ କିଏ ? ହଜରତ ଅଲୀ କହିଲେ ହଜୁର ସ.ଅ ଉତର ଦେଲେ ସେମାନଙ୍କ ମଧ୍ୟରୁ ଜଣେ ମୁଁ, ମୋର ଦୁଇ ପୁତ୍ର ହସନ ଓ ହୁସେନ, ଜାଫର୍, ହମଜାଃ, ଅବୁବକର, ଉମର, ମୁସେବ୍ ବିନ୍ ଉମୈର, ବିଲାଲ, ସଲମାନ, ଅମାର, ମିକଦାଦ୍, ହୁଜେଫା, ଅବୁ ଜର୍ ଓ ଅବଦୁଲ୍ଲା ବିନ୍ ମସଉଦ୍ । ଏହା ହେଉଛି ସୁନନେ ତିର୍‌ମିଜ୍‌ର ରିଓ୍ୱାୟତ । *(ସୁନନେ ତିରମିଜ୍ କିତାବୁଲ୍ ମନାକିବ୍...... ହଦୀସ ୩୭୮୫)*

ପବିତ୍ର କୋରାନ୍‌ର ସୁରାଃ ଅନାମ୍‌ରେ ଏହି ଆୟତ ଟି ଅଛି କି, ***ଓ୍ୱଲା ତତ୍‌ରୁଦିଲ୍ ଲଜିନା ଯଦ୍‌ଉନା ରବ୍‌ହୁମ୍..... ଫତକୁନା ମିନଜ୍ ଜାଲିମିନ୍ (ଅଲ୍‌ଅନାମ୍ :୫୩)*** ଅର୍ଥାତ୍ ଏବଂ ତୁମେ ସେ ଲୋକମାନଙ୍କୁ ଯେଉଁମାନେ ସକାଳେ ଓ ସଂନ୍ଧ୍ୟାରେ ନିଜର ପାଳନକର୍ତାଙ୍କୁ ତାହାଙ୍କ ଅନୁଗ୍ରହ ଲାଭ ସକାଶେ ଡ଼ାକନ୍ତି, ସେମାନଙ୍କୁ ବିତାଡ଼ିତ କରନାହିଁ, ତୁମ୍ଭ ଉପରେ ସେମନାଙ୍କ ହିସାବର କୌଣସି ଅଂଶର ଦାୟିତ୍ୱ ନାହିଁ ଏବଂ ସେମାନଙ୍କ ଉପରେ ତୁମ୍ଭ ହିସାବର କୌଣସି ଅଂଶର ଦାୟିତ୍ୱ ନାହିଁ; ସୁତରାଂ ଯଦି ତୁମେ ସେମାନଙ୍କୁ ତଡ଼ି ଦେବ, ତେବେ ଅତ୍ୟାଚାରୀମାନଙ୍କ ଭିତରେ ଅର୍ନ୍ତଭୁକ୍ତ ହେବ ।

ହଜରତ ସାଆଦ୍ ଏହି ଆୟତ ସମ୍ବନ୍ଧରେ ବର୍ଣ୍ଣନା କରୁଛନ୍ତି ଯେ, ଏହି ଆୟତ ଟି ଛଅ ଜଣ ବ୍ୟକ୍ତିଙ୍କ ସମ୍ବନ୍ଧରେ ଅବତୀର୍ଣ୍ଣ ଅଛି । ଅର୍ଥାତ୍ ମୁଁ ନିଜେ ଅର୍ଥାତ ହଜରତ ସାଆଦ୍ ର:ଅ, ଇବ୍‌ନେ ମସ୍‌ଉଦ୍ ର:ଅ, ସୋହେବ୍ ର:ଅ, ଅମାର୍ ର:ଅ, ମିକ୍‌ଦାଦ୍ ର:ଅ ଏବଂ ବିଲାଲ୍ ର:ଅ ।

ହଜରତ ସାଆଦ୍ ର:ଅ କହୁଛନ୍ତି ଯେ, କୁରୈଶ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ କହିଲେ ଯେ, ଆମେ ଏହି ଲୋକମାନଙ୍କ ଅଧିନରେ ରହିବା ପାଇଁ ରାଜି ନାହୁଁ ତେଣୁ ତୁମେ ସେମାନଙ୍କୁ ବିତାଡ଼ିତ କରିଦିଅ । ରାଓ୍ୱି କହୁଛନ୍ତି ଯେ, ଏହି ଆଧାରରେ ରସୁଲୁଲ୍ଲାଃ ସ:ଆ:ସଙ୍କ ହୃଦୟ ଭିତରେ ସେହି କଥା ପ୍ରବେଶ କରିଗଲା ଯାହା ଅଲ୍ଲାଃ ଚାହିଁଲେ ଫଳତଃ ତାହା ଆପଣ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହେଲା । ***ଓ୍ୱଲା ତତ୍‌ରୁଦିଲ୍ ଲଜିନା ଯଦ୍‌ଉନା ରବ୍‌ହୁମ୍..... ୟୁରିଦୁନା ଓ୍ୱଜ୍‌ହହୁ (ଅଲ୍‌ଅନାମ୍ :୫୩)*** ଅର୍ଥାତ୍ ଏବଂ ତୁମେ ସେ ଲୋକମାନଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan